### ମୌଳିକ ସମସ୍ୟା ସମାଧାନ ଦାବି

# ଜିଲ୍ଲାପାଳଙ୍କ ଅଫିସ ଘେରିଲା ଦଳିତ ଓ ଆଦିବାସୀ ସଂଘ

**ଛତ୍ରପୁର,୨।୬(ସମିସ):** ଗଞ୍ଜାମ ଜିଲ୍ଲାରେ ଦଳିତ ଓ ଆଦିବାସୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୨୩% ହୋଇଥିଲେ ମଧ୍ୟ ସବୁ କ୍ଷେତ୍ରରେ ସେମାନେ ଅବହେଳିତ। ସରକାରୀ ଅବହେଳା କାରଣରୁ ଆଜି ବି ଜିଲ୍ଲାର ଅଧିକାଂଶ ଦଳିତ ଓ ଆଦିବାସୀ ପରିବାର ଭୂମିହୀନ ଓ ଗୃହହୀନ ରହିଛନ୍ତି। ବର୍ଷ ବର୍ଷ ଧରି ସରକାରୀ ଜମିରେ ଚାଷବାସ କରି ରହୁଥିଲେ ମଧ୍ୟ ସରକାର ପ୍ରଶାସନ ପଟ୍ଟା ଦେଉନାହାଁନ୍ତି। ଏପରିକି ବର୍ତ୍ତମାନର ବିଜେପି ଡ଼ବଲ ଇଂଜିନ୍ ସରକାର ରାଜ୍ୟର ସବୁ ଭୂମିହୀନଙ୍କୁ ୪ ଡ଼େସିମିଲ୍ ଜମି ଦେବାକୁ ଘୋଷଣା କରିଥିଲେ ମଧ୍ୟ ତାକୁ ଜିଲ୍ଲା ପ୍ରଶାସନ ଲାଗୁ କରୁନାହିଁ। ଗାଁରେ ଅଧିକାଂଶ ଦଳିତ ଭୂମିହୀନ ଓ ଗୃହହୀନ ଥିବାବେଳେ ଗାଁରେ ଥିବା ସରକାରୀ ଜମିକୁ ପ୍ରାୟତଃ ସବର୍ଣ୍ଣ ସମ୍ପ୍ରଦାୟର ଧନୀ ଲୋକମାନେ କବ୍ଜା କରି ରଖିଛନ୍ତି। ପ୍ରଶାସନ ସେସବୁ ଜମିରୁ ଜବରଦଖଲ ହଟାଇ ଗରିବ ଦଳିତଙ୍କୁ




ବାଣ୍ଟିବା ବଦଳରେ ଓଲଟି ଦଳିତମାନେ ଚାଷ କରୁଥିବା ସରକାରୀ ଜମିରୁ ସେମାନଙ୍କୁ ଉଚ୍ଛେଦ କରିବାକୁ ଉଦ୍ୟମ କରୁଛି। ଜଙ୍ଗଲ ଅଧିକାରଆଇନ-୨୦୦୬ ପ୍ରଣୟନ ହୋଇଥିଲେ ବି ଜିଲ୍ଲାର ଅଧିକାଂଶ ଆଦିବାସୀ ପରିବାର ଜଙ୍ଗଲ ଅଧିକାର ଶିରୋନାମା ପାଇବାରୁ ବଞ୍ଚିତ ଅଛନ୍ତି। ଅନ୍ୟପଟେ ରାଜ୍ୟର ଅପେକ୍ଷାକୃତ ଏକ ରୁଢ଼ିବାଦୀ ଜିଲ୍ଲା ଭାବେ ଆମ ଜିଲ୍ଲାରେ ଦଳିତ ଓ ଆଦିବାସୀଙ୍କ ପ୍ରତି ଜାତିଆଣ ଭେଦଭାବ ଓ ସାମାଜିକ ବାସନ୍ଦ ତଥା ଜାତିଗତ ହିଂସା ଏବେ ବି ଅବ୍ୟାହତ ରହିଛି। ଜିଲ୍ଲାରେ କୌଳିକ ଭାବେ ହାଟରେ ଗୋ ବ୍ୟବସାୟ କରୁଥିବା ଦଳିତ ସମ୍ପ୍ରଦାୟର ଛୋଟ ବ୍ୟବସାୟୀ, ସାଧାରଣ ଚାଷି ଏବଂ ଗୋପାଳକଙ୍କ ଉପରେ ଗୋ ସୁରକ୍ଷା ନାଁରେ କିଛି ସାମ୍ପ୍ରଦାୟିକ ସଂଗଠନର ଅସାମାଜିକ ଲୋକଙ୍କ ତରଫରୁ ଲଗାତାର ଆକ୍ରମଣ ଚାଲିଛି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଏଭଳି ସାମ୍ପ୍ରଦାୟିକ ଓ ଜାତିଗତ ହିଂସାରେ ଆଖିଦୃଶିଆ ବୃଦ୍ଧି ଦେଖାଯାଇଛି।

ଏଭଳି ପରିସ୍ଥିତିରେ ଜିଲ୍ଲାର ଦଳିତ ଓ ଆଦିବାସୀ ଲୋକଙ୍କ ଉପରେ ଚାଲିଥିବା ଅବହେଳା, ନିର୍ଯାତନା ବିରୋଧରେ ତଥା ସେମାନଙ୍କୁ ଜମି ତଥା ଜଙ୍ଗଲ ଉପରେ ଅଧିକାର ଏବଂ ରାସ୍ତା, ପିଇବା ପାଣି ଓ ବିଦ୍ୟୁତ୍ ପରି ମୌଳିକ ସୁବିଧା ସୁଯୋଗ ଯୋଗାଇବା ଦାବିରେ ଜିଲ୍ଲାର ଆଦିବାସୀ ଓ ଦଳିତ ଲୋକଙ୍କ ଅଧିକାର ପାଇଁ ସଂଗ୍ରାମରତ ଏଆଇକେଏମ୍ଏସ୍, ଓଡିଶା ଦଳିତ ମହାସଭା ଓ ଅଲ୍ ଇଣ୍ଡିଆ ଟ୍ରାଇବଲ ଫୋରମ୍ ପକ୍ଷରୁ ମଙ୍ଗଳବାର ଗଞ୍ଜାମ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଏଆଇକେଏମଏସ୍‌ର ଜାତୀୟ କମିଟି ସମ୍ପାଦକ ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଓଡିଶା ଦଳିତ ମହାସଭାର ଜିଲ୍ଲା ସମ୍ପାଦକ ସଂଗ୍ରାମ ନାୟକ, ଏଆଇକେଏମଏସ ଜିଲ୍ଲା ଉପସଭାପତି ଲଡୁ କିଶୋର ଡାକୁଆ, ଅଲଇଣ୍ଡିଆ ଟ୍ରାଇବଲ ଫୋରମ ଆବାହକ ଯକ୍ଷ ଗମାଙ୍ଗ, ରୁଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ମିଥୁନ ପରିଛା, ଶୁକୁ ଗମାଙ୍ଗ, କୁଶନାଥ ପ୍ରଧାନ, କାଳି ଚରଣ ନାୟକ ଓ ଗାଧୁ ମୌଳିକଙ୍କ ସମେତ ହଜାର ହଜାର ଆଦିବାସୀ ଓ ଦଳିତମାନେ ଉପସ୍ଥିତ ଥିଲେ।

### ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ

# ପ୍ରତିବାଦରେ ବ୍ଲକ ଆଗରେ ଗ୍ରାମବାସୀଙ୍କ ଧାରଣା



**ପୁରୁଷୋତ୍ତମପୁର,୨।୬(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସୁନାଥର ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ଯାହାକୁ ନେଇ ସୁନାଥର ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସୂଚନା ଅନୁସାରେ ଗ୍ରାମରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଦୁଇଗୋଟି କାର୍ଯ୍ୟ ଆସିଥିଲା। ଗୋଟିଏ ଭୋଗମଣ୍ଡପ, ଚୈତନ୍ୟ କଳା ଅନୁଷ୍ଠାନରେ ଭୋଗମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ଅନ୍ୟଟି ଗାଁ ବନ୍ଧ ନିକଟରେ କୋଠଘର ନିର୍ମାଣ କରାଯାଉଛି। ଯେହେତୁ କୋଠଘରଟି ଗାଁ ବନ୍ଧ ନିକଟରେ କରାଯାଇଅଛି। ତେଣୁ ଏହାକୁ ନେଇ ଅଦାଲତରେ ମାମଲା ରୁଜୁ ହୋଇଛି। ଯାହା ଫଳରେ କି ଦୁଇଟି ପ୍ରକଳ୍ପ ଏବେ ବିଲ ନହୋଇ ଅଧପନ୍ତରିଆ ଭାବେ ପଡ଼ିରହିଛି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ଗ୍ରାମର କିଛି ଖଳ ପ୍ରକୃତି ଲୋକ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରୁଛନ୍ତି। ଅଧପନ୍ତରିଆ ହୋଇ ରହିଥିବା ଦୁଇ ପ୍ରକଳ୍ପର ବିଲ୍ କରି ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ ଏଇଇ ନାଗ ଭୂଷଣ ଯାଦବଙ୍କୁ ଡାକି ଦୁଇ କାର୍ଯ୍ୟ ଉପରେ ବୁଝିଥିଲେ। ତୁରନ୍ତ ଭୋଗମଣ୍ଡପର ବିଲ୍ କରିବା ପାଇଁ ଏଇଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ଟି ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଧାରଣା ସ୍ଥାନକୁ ଯାଇ ଲୋକଙ୍କୁ ବୁଝାଇ ଥିଲେ। ପରେ ଲୋକେ ଧାରଣାରୁ ଉଠିଥିଲେ।

## ଅଟୋ ଓଲଟି ଜଣେ ଗୁରୁତର

**ପାତ୍ରପୁର,୨।୬(ସମିସ):** ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଅନ୍ତର୍ଗତ ସୁରଙ୍ଗି ସାଗର ନିକଟରେ ଏକ ଅଟୋ ଭାରସ୍ୟାମ ହରାଇ ଓଲଟି ପଡ଼ିଥିଲା। ଘଟଣାରେ ଜଣେ ଗୁରୁତର ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ବାଉଳିଆ ଗ୍ରାମର କୈଳାସ ସାହୁ (୪୮)। ବାଉଳିଆ ଗ୍ରାମର କିଛି ଲୋକ ଅଟୋ ଯୋଗେ ପାତ୍ରପୁର ଯିବା ବେଳେ ସୁରଙ୍ଗି ସାଗର ନିକଟରେ ଅଟୋଟି ଭାରସ୍ୟାମ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ରଙ୍ଗବତୀ ସାହୁ, ମିଥୁନ ସାହୁ, କୈଳାସ ସାହୁ, ବାଲ୍ମିକୀ ସାହୁ, ଭୋଳେଶ୍ୱର ସାହୁ, ପ୍ରସନ ସାହୁ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ସୁରଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପାତ୍ରପୁର ପଠାଇଥିଲେ। କୈଳାସଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ବାଲି ବୋଝେଇ ୭ ହାଇୱା ଜବତ

**ଆସିକା,୨।୬(ସମିସ):** ସୋମବାର ବିଳମ୍ବିତ ରାତିରେ ଆସିକା ଓ ଧରାକୋଟର ବିଭିନ୍ନ ଘାଟରୁ ବାଲି ଚାଲାଣ ହେଉଥିବା ୭ଟି ହାଇୱା ଜବତ କରିଛି ଆସିକା ତହସିଲ। ଜବତ ଗାଡିକୁ ଆସିକା ପୁଲିସକୁ ହସ୍ତାନ୍ତର କରାଯାଇଛି। ଋଷିକୁଲ୍ୟା ଓ ବଡ଼ ନଦୀର ବିଭିନ୍ନ ପଠାରୁ ରାତିରେ ବେଆଇନ ବାଲି ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ ଆସିକା ତହସିଲଦାର। ତେଣୁ ଆସିକା ବିଜୁ ପଟ୍ଟନାୟକ ଓ ତାହାର ଆଖପାଖ ଛକଦେଇ ଯାଉଥିବା ବାଲି ଗାଡି ଅଟକାଇ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଆସିକା ତହସିଲଦାର ୭ଟି ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କରିଥିବା ସୂଚନା ଦିଆଯାଇଛି।

## ଦୁର୍ଘଟଣାରେ ଜଣେ ମୃତ

**ଆସିକା,୨।୬(ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଧନପୁର ନିକଟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଖୁଣ୍ଡିଆ ଗ୍ରାମର ଚିତ୍ତରଞ୍ଜନ ବିଶ୍ୱାଳ। ରାସ୍ତା କଡ଼ରେ ଦହିବରା ଖାଇ ବାଇକରେ ଗାଁକୁ ଫେରୁଥିବା ବେଳେ ହଠାତ ଅନ୍ୟ ଏକ ବାଇକ ଆସି ଉକ୍ତ ବାଇକ ଚାଳକକୁ ଧକ୍କା ଦେଇଥିଲା। ଫଳରେ ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିଲେ। ଚିତ୍ତରଞ୍ଜନ ବ୍ୟାଙ୍କକୁ ଯାଇ ନିଜ ଘରକୁ ଯାଉଥିବା ବେଳେ ଗାଙ୍ଗପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଆହତ ବାଇକ ଚାଳକଙ୍କୁ ପୁଲିସ ଆସିକା ମେଡିକାଲକୁ ପଠାଇବା ସହ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## କୁକୁଡ଼ାଖଣ୍ଡିରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**କୁକୁଡାଖଣ୍ଡି,୨।୬(ସମିସ):** କୁକୁଡାଖଣ୍ଡି ବ୍ଲକ ଏବଂ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳକୁ ଅପରାଧମୁକ୍ତ କରିବା ଲକ୍ଷ୍ୟରେ ସଦର ଥାନା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ଅଧୀନରେ ଥିବା ବାଲିପଡ଼ା, ଦକ୍ଷିଣପୁର ଓ କୁକୁଡାଖଣ୍ଡିରେ ସୋମବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲା ପୁଲିସ। ସଦର ଥାନା ଆଇଆଇସି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁଖ୍ୟ ରାସ୍ତା ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ପଦଯାତ୍ରା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ସଦର ଥାନା ଆଇଆଇସି ଶ୍ରୀ ବେହେରା କହିଛନ୍ତି ଯେ, କୁକୁଡାଖଣ୍ଡି ବ୍ଲକକୁ ସମ୍ପୂର୍ଣ୍ଣ ଭାବେ ଅପରାଧମୁକ୍ତ କରିବାକୁ ଆଗାମୀ ଦିନରେ ମଧ୍ୟ ଏଭଳି ଫ୍ଲାଗ୍‌ମାର୍ଚ୍ଚ, ଯାଞ୍ଚ ଅଭିଯାନ ଏବଂ ରାତ୍ରିକାଳୀନ ପେଟ୍ରୋଲିଂକୁ ଅଧିକ ଜୋରଦାର କରାଯିବ।

## 'ମତ୍ସ୍ୟଜୀବୀଙ୍କ ଆହାର ଛଡ଼ାଇ ନିଅନାହିଁ'

**ରମ୍ଭା,୨।୬(ସମିସ):** ଚିଲିକାରେ କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ତହସିଲ ଜରିଆରେ ୪୦ହଜାର ଏକର ଜବରଦାଖଲ ଚିଙ୍ଗୁଡ଼ି ଘେରି ଗଢି ଉଠିଛି। ଏହି ଘୋଟାଲା ଆର୍‌ଆଇ, ତହସିଲଦାର, ଉପଜିଲ୍ଲାପାଳ ଓ ପୁଲିସ ରାଜନେତା ଦ୍ୱାରା ମାଫିଆଙ୍କୁ ମତ୍ସ୍ୟ ସୈରାତ ଜାଗା ନିରୀହ ମତ୍ସ୍ୟଜୀବୀଙ୍କ ଆହାର ଛଡ଼ାଇ ନେଉଛନ୍ତି। ୪ହଜାରରୁ ଊର୍ଦ୍ଧ୍ୱ ମଶାରୀ ଚିଙ୍ଗୁଡ଼ି ଘେରି କରିଛନ୍ତି, ଚଟେଇ କୋଣ,(ସାନ ଅଳ) ଜମ୍ବଳ, ଗେରାଶର, ଚିକଲ ଖଣି, ବୁଦ୍ଧିବର, ଡିଆଁ କୁଦା, ପେଣ୍ଠଧୁଆ (ନୂଆପଡା )ସିପିଆ,ସାଂକୁସିଆ, ପୋଡାଖିଆ, ଗୀନାପାଲି ଗରଗରୀ ଦେଉଳିଆ, ଗୋବରୀ, ବାହାର ତତରା,ତଳରୀଗୁଡା, ଅନ୍ୟାନ୍ୟ ପାରମ୍ପରିକ ମତ୍ସ୍ୟ ସୈରାତ ପାରମ୍ପରିକମାଛ ମରା ପଦ୍ଧତି ଜାଣ, ତାଟ, ଖଟି ଓ ଖନ୍ଦା ପ୍ରଭୃତି ସ୍ଥାନମାନଙ୍କରେ ଚିଙ୍ଗୁଡ଼ି ଘେରି କରି ମତ୍ସ୍ୟଜୀବୀଙ୍କ ପେଟକୁ ଲାତ ମାରିଛନ୍ତି ସରକାର। ଫଳରେ ୭୦ ଭାଗ ମତ୍ସ୍ୟଜୀବୀ ଦାଦନ ଖଟି ଯାଉଛନ୍ତି। ବର୍ଷକୁ ୨୦ ହଜାର କୋଟି ମାଫିଆ, ଦଲାଲ ଓ ପ୍ରଶାସନ ଲୁଟୁଛନ୍ତି। ସେଥିପାଇଁ ୨୦୧୮ ମସିହା ଠାରୁ ପ୍ରଶାସନ ଲିଜ ଏଗ୍ରିମେଣ୍ଟ ବା ମତ୍ସ୍ୟ ଉପଗୁତା ବନ୍ଦ କରିଛନ୍ତି। ସେହି ଉପଗୁତା ତହସିଲ ଜରିଆରେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ମାଧ୍ୟମରେ ସରକାର ପାଖକୁ କୋଟି କୋଟି ଟଙ୍କା ତହବିଲ ଆକାର ପହଞ୍ଚୁଥିଲା। ଏଣୁ ଏହା ସରକାରଙ୍କୁ କ୍ଷତି ପହଞ୍ଚାଇ ପ୍ରଶାସନ, ଚିଙ୍ଗୁଡ଼ି ମାଫିଆ ମାଲାମାଲ ହେଉଛନ୍ତି ମତ୍ସ୍ୟଜୀବୀ ଯେଉଁ ଗରିବକୁ ସେହି ଗରିବ ହେଉଛନ୍ତି। ସିଡିଏ ମଧ୍ୟ ଠିକ ରୂପରେଖ ଦେଉନାହାନ୍ତି, ସାଟେଲାଇଟ ଭୁଲ ରିପୋର୍ଟ ବନାଉଛନ୍ତି। ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ମୌଳିକ ଅଧିକାର ନମିଳିଲେ ଓ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନହେଲେ ଚିଲିକା ଭିତରେ ମତ୍ସ୍ୟଜୀବୀ ଚିଙ୍ଗୁଡ଼ି ଘେରି ଭାଙ୍ଗିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ମତ୍ସ୍ୟଜୀବୀ ମାନେ ଦାବି କରିଛନ୍ତି।

### ୩୦ଦିନରେ ମା'ରାମାୟଣାମ୍ମାଙ୍କ ଯାତ୍ରା

# ଯୁବ ସମାଜସେବୀଙ୍କ ସ୍ୱତନ୍ତ୍ର ପୂଜା

**ଛତ୍ରପୁର,୨।୬(ସମିସ):** ଛତ୍ରପୁରର ଆରାଧ୍ୟା ମା'ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ୩୦ ଦିନରେ ବିଶିଷ୍ଟ ସମାଜସେବୀ



ସ୍ୱର୍ଗତ ପ୍ରଭାକର ପଟ୍ଟନାୟକଙ୍କ ବଡ଼ପୁଅ ଯୁବ ସମାଜସେବୀ ସୁଧୀର କୁମାର ପଟ୍ଟନାୟକ ଏବଂ ବୋହୂ ସମାପ୍ତି ପଟ୍ଟନାୟକଙ୍କ ସ୍ୱତନ୍ତ୍ର ପୂଜା ସହିତ ମା'ତାଙ୍କ ଘର ନିକଟରେ ପହଞ୍ଚି ସ୍ୱତନ୍ତ୍ର ଭୋଗ ଗ୍ରହଣ କରିଛନ୍ତି। ରୀତିନୀତି ଅନୁସାରେ ଉଭୟ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ମା'ଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ବିରାଟ ପଟୁଆରରେ ମା ଅସ୍ଥାୟୀ ମଣ୍ଡପରୁ ବାହାରି ନଗର ପରିକ୍ରମା କରିଥିଲେ। ଏଥିରେ ଆନ୍ଧ୍ର କାଳୀ, ଖଡ଼ଗପୁର କାଳୀ, ପାଇକ ଆଖଡ଼ା, ଧୂମଡ଼ାତକା, ସିଙ୍ଗ ବାଜା, ଘୋଡାବାଜା ସହ ରାଜ୍ୟ ଏବଂ ରାଜ୍ୟ ବାହାରୁ ୩୦ଟି ଗ୍ରୁପର ବିଭିନ୍ନ କଳାକାର ମାନେ ବିରାଟ ପଟୁଆରରେ ମା'ଙ୍କ ସହିତ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ସୁଧୀର କୁମାର ପଟ୍ଟନାୟକଙ୍କ ପକ୍ଷରୁ ଲୋକଙ୍କ ନିମନ୍ତେ ଅନ୍ନ ଭୋଗର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଆଳତି ଦର୍ଶନ ନିମନ୍ତେ ସୁଧୀର ପଟ୍ଟନାୟକ ଏବଂ ତାଙ୍କ ପତ୍ନୀ ସମାପ୍ତି ପଟ୍ଟନାୟକଙ୍କ ସହ ବହୁ ମହିଳା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି, ଯାତ୍ରା କମିଟି ମ୍ୟାନେଜର ସିଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ. ସମରେନ୍ଦ୍ର ସେନାପତିଙ୍କ ସମେତ ପ୍ରବଳ ଜନ ସମାଗମ ହୋଇଥିଲା।

# ପରିତ୍ୟକ୍ତ ଘରୁ ଯୁବକଙ୍କ କଙ୍କାଳ ଜବତ; ହତ୍ୟା ସନ୍ଦେହ

**ଆସିକା,୨।୬(ସମିସ):** ଆସିକା କୋଟିନଡ଼ା ଥାନା ଇଲାକର ବନ୍ଦ ସୂତାକଳର ପରିତ୍ୟକ୍ତ କ୍ୟାଣ୍ଟିନରୁ ଜଣେ ଯୁବକଙ୍କ ହାଡ଼ କଙ୍କାଳ ଜବତ କରିଛି ପୁଲିସ। ହାଡ଼ କଙ୍କାଳ ନରସିଂହପୁରୁ ଗ୍ରାମର ଏ. ଲକ୍ଷ୍ମଣ ପାତ୍ରଙ୍କ ବଡ଼ ପୁଅ ୨୪ ବର୍ଷୀୟ ଏ. ଶଙ୍କର ପାତ୍ରଙ୍କ ବୋଲି ଜଣାପଡ଼ିଛି। ଶଙ୍କର ଦୀର୍ଘ ଦେଢ଼ ବର୍ଷ ହେଲା ନିଖୋଜ ଥିଲେ। ଏନେଇ ପରିବାର ଲୋକେ କୋଟିନଡା ଥାନାରେ ନିଖୋଜ ମାମଲା ରୁଜୁ କରିଥିଲେ। ହେଲେ ମଙ୍ଗଳବାର ହଠାତ ଘର ଲୋକଙ୍କୁ ଖବର ଆସିଲା। ଘର ଲୋକେ କଙ୍କାଳ ପଡିଥିବା ସ୍ଥାନକୁ ଯାଇ ଜୋତା,


ଶଙ୍କର (ଫାଇଲ୍ ଫଟୋ)

ସାର୍ଟ ଓ ପ୍ୟାଣ୍ଟ ଦେଖି ତାହା ତାଙ୍କ ନିଖୋଜ ପୁତ୍ରର ବୋଲି ଚିହ୍ନଟ କରିଛନ୍ତି। କୋଟିନଡ଼ା ଥାନାରେ ନଂ.୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ। କଙ୍କାଳ ଜବତ କରି ପୁଲିସ ଡିଏନଏ ଟେଷ୍ଟ ପାଇଁ ବ୍ରହ୍ମପୁର ପଠାଇଛି। ଅନ୍ୟପଟେ ପରିବାର ଲୋକେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ପରିବାର ଲୋକଙ୍କ ପ୍ରତିକ୍ରିୟା ଅନୁସାରେ ଦେଢ଼ବର୍ଷ ତଳେ ପୁଅ ଶଙ୍କରଙ୍କୁ ତାଙ୍କର କିଛି ସାଙ୍ଗ ଘରୁ ଡାକି ଆଣିଥିଲେ। ପରେ ଆଉ ପୁଅ ଘରକୁ ଫେରି ନ ଥିଲା। ପୁଅ କିଛି ସାଙ୍ଗଙ୍କ ଠାରୁ ଟଙ୍କା ଆଣିଥିବା ବି କିଛି ସାଙ୍ଗ ଅଭିଯୋଗ କରିଥିଲେ। ତେଣୁ ଡାକି ଆଣିଥିବା ସାଙ୍ଗମାନେ ହିଁ ତାଙ୍କୁ ହତ୍ୟା କରି ଏହି ପରିତ୍ୟକ୍ତ ସ୍ଥାନରେ ପକାଇ ଦେଇଥିବା ସିଧାସଳଖ ଅଭିଯୋଗ କରଛନ୍ତି ପରିବାର ଲୋକେ।

# ବିଧାୟକଙ୍କୁ ଫାର୍ମାସିଷ୍ଟ ଅଧିକାରୀ ସେବା ସଂଘର ଦାବିପତ୍ର

**ଛତ୍ରପୁର,୨।୬(ସମିସ):** ଫାର୍ମାସିଷ୍ଟ ଅଧିକାରୀମାନେ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଏକ ଅଭିନ୍ନ ଅଂଶ ଭାବେ ଔଷଧ ବିତରଣ, ରୋଗୀ ସେବା ସହଯୋଗ, ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ଓ ସରକାରୀ ହସ୍ପିଟାଲମାନଙ୍କ ସୁଚାରୁ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଓଡ଼ିଶାର ଫାର୍ମାସୀ ଅଧିକାରୀ ମାନଙ୍କ ବେତନ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରୀ ସଂସ୍ଥାମାନଙ୍କ ତୁଳନାରେ ଅତ୍ୟନ୍ତ କମ୍ ଅଟେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସୀ ଅଧିକାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ ବର୍ଦ୍ଧିତ ଦାୟିତ୍ୱକୁ ଦୃଷ୍ଟିରେ ରଖି ଫାର୍ମାସିଷ୍ଟ ଅଧିକାରୀଙ୍କ



ସଂଘ ମୂଳ ବେତନ ସଂଶୋଧନ, ପଦୋନ୍ନତି ସୁବିଧା ଓ ବୃତ୍ତିଗତ ସ୍ୱୀକୃତି ସମ୍ପର୍କିତ ଯୁକ୍ତିସଂଗତ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଓଡିଶା ଫାର୍ମାସିଷ୍ଟ ଅଧିକାରୀ ସେବା ସଂଘ ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ସଂଘ ଶାଖାର ସଭାପତି ସୁଧାକର ପାଣିଗ୍ରାହୀ ଏବଂ ପଙ୍କଜ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ଗୁଡ଼ିକ ଯଥାଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି।

# ବଜ୍ରାଘାତରେ ୨୪ ମେଣ୍ଢା ଛେଳି ମୃତ

**ସାନଖେମୁଣ୍ଡି,୨।୬(ସମିସ):** ସାନଖେମୁଣ୍ଡି ବ୍ଲକ ଏସ.ଗୋପାଳପୁର ପଞ୍ଚାୟତ ଏସ ଗୋପାଳପୁର ଗ୍ରାମରେ ମଙ୍ଗଳବାର ବଜ୍ରାଘାତରେ ୨୪ ମେଣ୍ଢା ଛେଳିଙ୍କ ମୃତ ହୋଇଛି। ମଙ୍ଗଳବାର ଅପରାହ୍ନରେ ଉକ୍ତ ଗ୍ରାମର ସନିଆ ଗୌଡ, ସୁରେନ୍ଦ୍ର ଗୌଡ, ବିନୋଦ ଗୌଡ ନିଜର ମେଣ୍ଢା ଛେଳି ଚରାଉଥିବା ବେଳେ ହଠାତ ଝଡ଼ବର୍ଷା ସହ ବିଜୁଳି ଘଡ଼ଘଡ଼ି ମାରିଥିଲା। ଫଳରେ ମେଣ୍ଢା ଛେଳି ଗୁଡିକ ଗ୍ରାମର ଏକ ଘରର ପାଶ୍ୱକୁ ଚାଲିଯାଇଥିଲେ। ସେହି ସ୍ଥାନରେ ବଜ୍ରପାତ ହେବାରୁ ୨୪ଟି ମେଣ୍ଢା ଛେଳି ମରିଯାଇଥିଲେ। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ପ୍ରତିନିଧି, ସମିତି ସଭ୍ୟ ଓ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ ସାନଖେମୁଣ୍ଡି ପ୍ରାଣୀ ଚିକିତ୍ସାଧିକାରୀ ପ୍ରବୀଣ କୁମାର ସାହୁ ପହଞ୍ଚି ବ୍ୟବଚ୍ଛେଦ କରିଥିବା ଜଣାପଡିଛି।

### ଛତ୍ରପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ହସାଇଲେ ପପୁ ପମ୍‌ପମ୍, ଝୁମାଇଲେ ମଣ୍ଟୁ ଛୁରିଆ







**ଛତ୍ରପୁର,୨।୬(ସମିସ):** ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ମହାଆଡମ୍ବରରେ ଚାଲିଛି। ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଛତ୍ରପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ହାସ୍ୟକଳାକାର ପପୁ ପମପମଙ୍କ ମନମତାଣିଆ କମେଡି ଏବଂ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ "ରାଣୀ ଗୁରୀ', "ଦିଲ୍ କି ରାଣୀ', "ରସିଆ' ଓ "ହଇ ଗୋ' ଗୀତରେ ଦର୍ଶକ ଓ ଶ୍ରୋତାମାନେ ବିଭୋର ହୋଇଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ଶ୍ରୀ ନାୟକ, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା,ଛତ୍ରପୁର ବ୍ଲକ ଉପାଧ୍ୟାକ୍ଷା ଏସ. ଶାରଦାରେଡ୍ଡୀ, ଛତ୍ରପୁର ପୌରପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓ, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ସୁନୀଲ କେରକେଟା, ବ୍ରହ୍ମପୁର ମହାନଗର ନିଗମର କମିଶନର ଅକବରମ ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇ ଏ ଏସ ପ୍ରୋବାସେନର ସୁଶ୍ରୀ ସରନ୍ୟା, ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ମଙ୍ଗଳ କାମନା କରିବା ସହିତ ସମସ୍ତ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବା ସହିତ ଅନ୍ୟମାନଙ୍କୁ ଏ ମହୋତ୍ସବର ବିଭିନ୍ନ ଆୟୋଜନ ବିଷୟରେ ଜଣାଇବା ପାଇଁ କହିଥିଲେ। ଛତ୍ରପୁର ବିଧାୟକ ଶ୍ରୀ ନାୟକ ଛତ୍ରପୁର ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଜନ ପ୍ରତିନିଧି ଓ ଜନ ସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଛତ୍ରପୁର ପୌର ପରିଷଦ, ଗଞ୍ଜାମ ଏନଏସି ଏବଂ ଛତ୍ରପୁର ଓ ଗଞ୍ଜାମ ବ୍ଲକ ର ଜନପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମା' ବ୍ରାହ୍ମଣ ଦେବୀ ନାଟ୍ୟ, ଜାମୁଲାଇ, ଭଞ୍ଜନଗରର କଳାକାରଙ୍କ କୃଷ୍ଣଲୀଳା, ଉତ୍କଳିକା ନୃତ୍ୟ ଅନୁଷ୍ଠାନ, ବ୍ରହ୍ମପୁରର ଓଡ଼ିଶୀ, ଲକ୍ଷ୍ୟମଞ୍ଜରୀ କଳାକ୍ଷେତ୍ରର କୁଚିପୁଡ଼ି, ଡି.ଏସ୍. ଡାନ୍ସ ଏକାଡେମୀ, ଗଞ୍ଜାମର ଆଧୁନିକ ନୃତ୍ୟ, ଜେଡିସି ଆର୍ଟ୍ସ ଷ୍ଟୁଡିଓ, ଛତ୍ରପୁରର ଲୋକନୃତ୍ୟ, ରୟାଲ ଡାନ୍ସ ଏକାଡେମୀର ଆଧୁନିକ ନୃତ୍ୟ ଏବଂ ଦି ପଲ୍ଲବୀ, କରଞ୍ଜିଆ, ମୟୂରଭଞ୍ଜର ମଲ୍ଲଖମ୍ବ ନୃତ୍ୟ ଦେଖଣାହାରୀଙ୍କୁ ବିମୋହିତ କରିଥିଲା।

ଛତ୍ରପୁର ମହୋତ୍ସବରେ ୧୫୦ଟି ଷ୍ଟଲ ରହିଛି। ତା'ମଧ୍ୟରୁ ୨୪ଟି ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗ ଗୋଷ୍ଠୀ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଅଂଶଗ୍ରହଣ କରିଛନ୍ତି। ସେହିପରି ୨୨ଟି ଷ୍ଟଲରେ ବିଭିନ୍ନ କୃଷି ଯନ୍ତ୍ରପାତି, ସରକାରୀ ଯୋଜନା, ଡ୍ରୋନ୍ ଇତ୍ୟାଦିର ପ୍ରଦର୍ଶନ କରାଯାଉଛି। ପ୍ରତ୍ୟେକ ଦିନ ବିଭିନ୍ନ ବିଷୟ ଉପରେ ପାଠ୍ୟଚକ୍ର ଆୟୋଜନ କରାଯାଇ କୃଷକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ଅନ୍ୟ ଷ୍ଟଲ ଗୁଡିକରେ ଖାଦ୍ୟ ମେଳା, ସୁଭଦ୍ରା ଶକ୍ତି ମେଳା,ପଲ୍ଲିଶ୍ରୀ ମେଳା , ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ପ୍ରଦର୍ଶିତ ହେଉଛି।

ଆସନ୍ତାକାଲି ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ କୁଳଦୀପ ପଟ୍ଟନାୟକ ତାସହିତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନେ ଲୋକ ନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି।

## ଆଜିର ରାଶିଫଳ

**ମେଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଶୁଭ ଖବର ମିଳିପାରେ । ଘରକୁ ଅତିଥି ଆସିପାରନ୍ତି । ରାଜନୀତିରେ ସଫଳ ହେବେ । ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ ।

**ବୃଷ:** ପରିବାର ଲୋକଙ୍କ ସହ ହସ ଖୁସିର ସମୟ ବିତାଇବେ । ପୁରୁଣା ନିବେଶରୁ ଲାଭ ମିଳିପାରେ । ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ପ୍ରେମ ଜୀବନ ସୁଖମୟ ହେବ ।

**ମିଥୁନ:** ଆଜି ଦିନଟି ବ୍ୟସ୍ତତା ଭିତରେ କଟିବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ବନ୍ଧୁଙ୍କ ସହ ସାକ୍ଷାତ ହେବ । ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଯାଇପାରେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ବାଦବିବାଦରୁ ଦୂରେଇ ରହିବେ । ମାନ ସମ୍ମାନ ବୃଦ୍ଧି ପାଇବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ ।

**କନ୍ୟା:** ଯୋଜନା ମୁତାବକ କାମ କରିବେ । ସାମାଜିକ କାର୍ଯ୍ୟରେ ସାମିଲ ରହିବେ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ । ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଧାର କରଜ କରିବାରୁ ଦୂରେଇ ରହିବେ । ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ । ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ଦୀର୍ଘ ଦିନର ଇଚ୍ଛା ପୂରଣ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି ।

**ଧନୁ:** ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ମନ ପ୍ରସନ୍ନ ରହିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମକର:** ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆଇଟି ଚାକିରିଆଙ୍କ ପାଇଁ ଦିନଟି ବହୁତ ଭଲ ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହେବ । ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ । ମାନ ସମ୍ମାନ ବୃଦ୍ଧି ପାଇବ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

## ଆଜିର ଇତିହାସ

- ୧୯୧୫- ବ୍ରିଟିଶ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କଲେ ।
- ୧୯୪୭-ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନ ପାଇଁ ଘୋଷଣା କଲେ ।
- ୧୯୫୯-ସିଙ୍ଗାପୁରକୁ ସେଲଫ୍ ଗଭର୍ଣ୍ଣିଂ ଷ୍ଟେଟ୍ ଭାବେ ଘୋଷଣା କରାଗଲା ।
- ୧୯୯୪-ଭାରତ ସହାୟତା କ୍ଲବ୍‌ର ନାମ ପରିବର୍ତ୍ତନ କରାଯାଇ 'ଭାରତ ସହାୟତା ମଞ୍ଚ' ରଖାଗଲା ।



# ବିଶ୍ୱ ସାଇକଲ ଦିବସ

ପ୍ରତିବର୍ଷ ଜୁନ୍ ୩ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ସାଇକଲ ଦିବସ' ଭାବେ ପାଳନ କରାଯାଏ । ସାଇକଲର ଗୁରୁତ୍ୱ, ସ୍ୱାସ୍ଥ୍ୟଗତ ଉପକାରିତା ଏବଂ ପ୍ରଦୂଷଣ ମୁକ୍ତ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷକରି କୁନି କୁନି ପିଲା ତଥା ଯୁବଗୋଷ୍ଠୀଙ୍କୁ ସାଇକଲ ଚାଳନା ପାଇଁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ମିଳିତ ଜାତିସଂଘର ସାଧାରଣ ସଭା ଜନ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୮ ରେ 'ବିଶ୍ୱ ସାଇକଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା । ୧୯୭୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସାଇକଲର ସମୟ ଥିଲା । ଏବେ କିନ୍ତୁ ସାଇକଲ କେବଳ ବ୍ୟାୟାମ କରିବା ଉଦ୍ଦେଶ୍ୟରେ ତଥା ଆଥ୍‌ଲେଟିକ୍ସମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି । ସାରା ବିଶ୍ୱରେ ନେଦରଲ୍ୟାଣ୍ଡ ଏକମାତ୍ର ଦେଶ ଯେଉଁଠି ଆଜିବି ସାଇକଲ୍ ଅଧିକ ଭାବେ ବ୍ୟବହାର କରାଯାଇଥାଏ । ଏହି ଦେଶର ସରକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଇକଲ୍ ଚଳାଇବା ଉପରେ ସେଠାକାର ନାଗରିକଙ୍କୁ ପରାମର୍ଶ ଦେଇଥାନ୍ତି । ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାଇକେଲ ଚଳାଇ ତାଙ୍କ କାର୍ଯ୍ୟାଳୟକୁ ଆସନ୍ତି । ନିୟମିତ ସାଇକଲ ଚଳାଇବା ଦ୍ୱାରା ହୃଦ୍‌ଘାତ ଜନିତ ସମସ୍ୟା କମେ, ମାଂସପେଶୀ ମଜବୁତ ହୁଏ ଏବଂ ଓଜନ ନିୟନ୍ତ୍ରଣରେ ରହେ । ଏଥିରୁ କୌଣସି ପ୍ରକାରର ଧୂଆଁ ବାହାରେ ନାହିଁ, ଯାହାଦ୍ୱାରା ବାୟୁ ପ୍ରଦୂଷଣ ହୁଏନାହିଁ । ସାଇକଲ ଚଳାଇବା ପାଇଁ ପେଟ୍ରୋଲ କିମ୍ବା ଡିଜେଲର ଆବଶ୍ୟକତା ପଡ଼େ ନାହିଁ, ଫଳରେ ଯାତ୍ରା ଖର୍ଚ୍ଚ ବଞ୍ଚିଥାଏ । ଟ୍ରାଫିକ ଜାମ୍ ସମୟରେ ସାଇକଲ ସାହାଯ୍ୟରେ ସହଜରେ ଏବଂ ଶୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ହୁଏ । ଏହି ଦିନ ସଚେତନତା ସୃଷ୍ଟି ପାଇଁ ସହର ଓ ଗାଁମାନଙ୍କରେ ସାଇକଲ ର୍‍ୟାଲି କରାଯାଏ । ସ୍କୁଲ ଏବଂ କଲେଜରେ ସାଇକଲ ଚଳାଇବା ପ୍ରତିଯୋଗିତା ଆୟୋଜନ ହୁଏ । ଏହିଦିନ ସ୍ୱଳ୍ପ ଦୂରତା ପାଇଁ ବାଇକ୍ ବଦଳରେ ସାଇକଲ ବ୍ୟବହାର କରିବାକୁ ଲୋକେ ଶପଥ ନିଅନ୍ତି । ସେହିଭଳି ଏହି ଦିନ ପୋଷ୍ଟର ପ୍ରତିଯୋଗିତା, ବିତର୍କ, ନିବନ୍ଧ ଲିଖନ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଏ ।



# ସପିଂବେଳେ ବ୍ୟାଗ୍ ବୋହିବା ସାଥୀ

## ଘଣ୍ଟାକୁ ନିଅନ୍ତି ୧୪୯ ଟଙ୍କା

ଆଜିକାଲି ଲୋକଙ୍କ କାମକୁ ସହଜ ତଥା ସରଳ କରିବା ଲାଗି ବିଭିନ୍ନ ପ୍ରକାର ସେବା ଉପଲବ୍ଧ ହେଉଛି । ଅନେକ କମ୍ପାନି ଘର ଝାଡୁ କରିବାଠାରୁ ଆରମ୍ଭ କରି ରୋଗୀଙ୍କର ଯତ୍ନ ନେବା ଲାଗି ସେବା ଯୋଗାଇ ଦେଉଛନ୍ତି । ଏହି କ୍ରମରେ ଏବେ ଦିଲ୍ଲୀର ପ୍ରସିଦ୍ଧ ଲାଜପତ ନଗର, ସରୋଜିନୀ ନଗର, ଚାନ୍ଦିନୀଚୌକ ଭଳି ମାର୍କେଟରେ ଆରମ୍ଭ ହୋଇଥିବା ଏକ ନୂଆ ସେବା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି । ଏଠାରେ ଏବେ ସପିଂ ସମୟରେ ଭାରି ତଥା ଓଜନିଆ ବ୍ୟାଗ୍ ଉଠାଇବା ତଥା ଫୁଡ୍ ଷ୍ଟଲରେ ଲୋକଙ୍କୁ ଲମ୍ବା ଲାଇନ୍‌ରେ ଛିଡ଼ା ହେବାର ଆବଶ୍ୟକତା ନାହିଁ । ଏଥିପାଇଁ ଘଣ୍ଟାକୁ ୧୪୯ ଟଙ୍କା ଦେଇ ଜଣେ ନିଜ ପାଇଁ ସହାୟକ ନିଯୁକ୍ତ କରିପାରିବେ । ଦିଲ୍ଲୀସ୍ଥିତ ଷ୍ଟାର୍ଟଅପ୍ କ୍ୟାରିମେନ୍ ଏହି ସେବା ଲୋକଙ୍କୁ ଯୋଗାଇ ଦେଉଛି । ଏହାର ଟ୍ୟାଗ୍‌ଲାଇନ୍ 'ୟୁ ସପ୍, ୱି କ୍ୟାରି ରହିଛି' । ଏହାର ଅର୍ଥ ଆପଣ ସପିଂ କରନ୍ତୁ, ଆମେ ଜିନିଷ ବୋହିବୁ । ଏଭଳି ସହାୟକମାନେ କେବଳ ସପିଂବ୍ୟାଗ୍ ବୋହିବେ ନାହିଁ ବରଂ ଭିଡ଼ ଜାଗାରେ ବାଟ କଢ଼େଇ ନେବା ସହ ପାର୍କିଂ ଏରିଆ କିମ୍ବା ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ସାଥୀରେ ଯିବେ । ଏହାସହ ଅତିରିକ୍ତ ଚାର୍ଜ ଦେଇ ଜଣେ ଏମାନଙ୍କଠାରୁ ମୋବାଇଲ୍ ଚାର୍ଜିଂ, ଛତା, ବେବି ପ୍ରାମ୍ ଏବଂ ବସିବା ପାଇଁ ଫୋଲ୍ଡିଂ ସିଟ୍ ଭଳି ସେବା ମଧ୍ୟ ପାଇପାରିବେ । ଏହି ସେବା ପାଇଁ ବିଭିନ୍ନ ପ୍ରକାରର ପ୍ୟାକେଜ୍ ରହିଛି । ୩୦ ମିନିଟ୍ ପାଇଁ ୭୯ ଟଙ୍କା, ୪ ଘଣ୍ଟା ପାଇଁ ୫୯୯ ଟଙ୍କାର ପ୍ୟାକେଜ୍ ରହିଛି । ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଏକ ପୋଷ୍ଟ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏହି ପୋଷ୍ଟରେ ଜଣେ ମହିଳା ଲାଜପତ ନଗରର ଜନଗହଳି ମଧ୍ୟରେ ସପିଂ କରୁଥିବାର ଦେଖାଯାଇଛି ଏବଂ ତାଙ୍କର ଠିକ୍ ପଛକୁ କ୍ୟାରିମ୍ୟାନ୍ ଲେଖାଥିବା ନାଲି ଟି-ସାର୍ଟ ପିନ୍ଧିଥିବା ଜଣେ ଯୁବକ ତାଙ୍କର ସମସ୍ତ ବ୍ୟାଗ୍ ଧରି ଯାଉଥିବା ଦେଖିବାକୁ ମିଳିଛି । ତେବେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

# ଜୁଲାଇ ୩ରେ 'ଆଲ୍‌ଫା'



ଆଲିଆ ଭଟ୍ଟ ଏବଂ ଶର୍ଭରୀ ୱାଘଙ୍କ ଅଭିନୀତ ଯଶରାଜ ଫିଲ୍ମସ୍‌ର 'ଆଲ୍‌ଫା' କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି । ଅନ୍ୟପଟେ ଏହି ଫିଲ୍ମର ରିଲିଜ୍ ତାରିଖ ଅନେକ ଥର ବଦଳା ଯାଇ ସାରିଛି । ଏବେ ପୁଣି ଥରେ ଏହାର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଇଛି । ଏହି ଆକ୍ସନ୍ ଥ୍ରୀଲର ଫିଲ୍ମ ଏବେ ପୂର୍ବନିର୍ଦ୍ଧାରିତ ସମୟ ପୂର୍ବରୁ ଖୁବ୍‌ଶୀଘ୍ର ସିନେମା ହଲ୍‌କୁ ଆସିବ । ପୂର୍ବରୁ ଏହା ଆସନ୍ତା ଜୁଲାଇ ୧୦ରେ ଆସିବ ବୋଲି କୁହାଯାଇଥିଲା । ହେଲେ ଏବେ ଏକ ନୂଆ ରିପୋର୍ଟ ଅନୁଯାୟୀ, 'ଆଲ୍‌ଫା' ଆସନ୍ତା ଜୁଲାଇ ୩ରେ ରିଲିଜ୍ ହେବ । 'ଆଲ୍‌ଫା'କୁ ପୂର୍ବ ଧାର୍ଯ୍ୟ ତାରିଖର ସପ୍ତାହେ ପୂର୍ବରୁ ରିଲିଜ୍ କରିବାର ନିଷ୍ପତ୍ତି 'ଧମାଲ୍ ୪' ପାଇଁ କରାଯାଇଥିବା କୁହାଯାଉଛି । 'ଧମାଲ୍ ୪' ଏବେ ୩ ଜୁଲାଇ ବଦଳରେ ୧୭ ଜୁଲାଇରେ ରିଲିଜ୍ ହେବ । ଅପରପକ୍ଷରେ ୩ ଜୁଲାଇରେ କୌଣସି ବଡ଼ ଫିଲ୍ମ ରିଲିଜ୍ ହେଉ ନ ଥିବାରୁ, 'ଆଲ୍‌ଫା'କୁ ସିନେମାହଲ୍‌କୁ ଆଣିବା ପାଇଁ ଏହା ହିଁ ସଠିକ୍ ସମୟ ହେବ ବୋଲି ପ୍ରଯୋଜକ ଆଦିତ୍ୟ ଚୋପ୍ରା ଭାବିଛନ୍ତି । ଅବଶ୍ୟ ଏଯାଏଁ ଯଶ୍ ରାଜ୍ ଫିଲ୍ମସ ପକ୍ଷରୁ ଏହି ନୂଆ ରିଲିଜ୍ ତାରିଖକୁ ନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ । ଅନ୍ୟପଟେ ଟ୍ରେଡ୍ ଏକ୍ସପର୍ଟମାନଙ୍କର ମତ ଯେ, 'ରିଲିଜ୍ ତାରିଖରେ ପରିବର୍ତ୍ତନ 'ଆଲ୍‌ଫା' ପାଇଁ ଟର୍ଣ୍ଣିଂ ପଏଣ୍ଟ ହେବ । କାରଣ ଜୁଲାଇ ୧୭ ରେ ଖ୍ରୀଷ୍ଟୋଫର୍ ନୋଲାନଙ୍କ 'ଦ ଓଡିସି' ଏବଂ 'ଧମାଲ୍ ୪' ରିଲିଜ୍ ହେବ । 'ଆଲ୍‌ଫା'କୁ ବିଜିନେସ୍ କରିବା ପାଇଁ ବକ୍ସ ଅଫିସ୍‌ରେ ଦୁଇ ସପ୍ତାହ ସମୟ ମିଳିଯିବ ।'

# ସମ୍ଭାବନା



## କ୍ୟାରିୟର ପାଇଁ ଏଆଇ



**ଏବେ ବିଭିନ୍ନ କ୍ଷେତ୍ରରେ ଏଆଇର ବହୁଳ ବ୍ୟବହାର କରାଯାଉଛି । ଏଭଳି କ୍ଷେତ୍ରରେ ଛାତ୍ରଛାତ୍ରୀ ଏବଂ କର୍ମଜୀବୀଙ୍କୁ ନୂତନ ଟେକ୍ନିକ୍‌ରେ ଦକ୍ଷତା ହାସଲ କରିବା ଜରୁରି । ଏହା ଦ୍ୱାରା କ୍ୟାରିୟରରେ ଉନ୍ନତି ହୋଇପାରିବ । ତେବେ କେଉଁ ପ୍ରକାର ଏଆଇ କୌଶଳ ଶିକ୍ଷା ଜରୁରି, ସେ ସମ୍ପର୍କରେ ଜାଣିବା ।**

**ଡିଜିଟାଲ ଜ୍ଞାନ:** ପ୍ରତ୍ୟେକଙ୍କଠାରେ ଡିଜିଟାଲ ଜ୍ଞାନ ରହିବା ବର୍ତ୍ତମାନ ସମୟରେ ଖୁବ୍ ଜରୁରି । ଏବେ ଯେକୌଣସି ନୂଆ ଟେକ୍ନିକ୍ ଆସୁଛି, ତାକୁ ବୁଝିବା ଏବଂ ବ୍ୟବହାର କରିବା ଜାଣିବା ଦରକାର । ତେଣୁ ଟେକ୍ନୋଲୋଜି ଦୃଷ୍ଟିରୁ ସମସ୍ତଙ୍କୁ ସକ୍ଷମ ହେବା ଉଚିତ ।

**ଡାଟାକୁ ବୁଝିବା:** ଡାଟା ବିଶ୍ଳେଷଣ ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ ପାଲଟିଛି । କମ୍ପାନି ଡାଟା ଆଧାରରେ ହିଁ ନିର୍ଣ୍ଣୟ ନିଏ । ତେଣୁ ଡାଟାକୁ ବୁଝୁଥିବା ଲୋକଙ୍କ ଚାହିଦା ବଢ଼ିବାରେ ଲାଗିଛି । ସେହିପରି ପୋଗ୍ରାମିଂ ଏବଂ କୋଡିଂ ଜ୍ଞାନ ବି ଏବର ସମୟରେ ଲାଭଦାୟକ ।

**ଏଆଇ ଟୁଲ୍ ଉପଯୋଗ:** ଏଆଇ ଟୁଲ୍ ବ୍ୟବହାର କରିବା ଜାଣିବା ବର୍ତ୍ତମାନ ସମୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ଦ୍ୱାରା କାମର ବେଗ ଓ ଗୁଣବତ୍ତା ବଢ଼ିପାରେ ।

**କ୍ରିଟିକାଲ ଥିଙ୍କିଂ:** ଏହାସହିତ କ୍ରିଟିକାଲ ଥିଙ୍କିଂ ଏବଂ ସମସ୍ୟା ସମାଧାନର କୌଶଳ ଶିଖିବା ବହୁତ ଜରୁରି । କାରଣ ମେସିନ ଡାଟା ଦେଇପାରେ, ହେଲେ ଠିକ୍ ନିର୍ଣ୍ଣୟ ମଣିଷ ନେଇଥାଏ ।

# ଗାର୍ଡେନିଂରୁ ରୋଜଗାର

**ଗାର୍ଡେନିଂ କେବଳ ଏକ ସଉକ ନୁହେଁ, ବରଂ ଏବେ ଏହା ଏକ ସୁନ୍ଦର କ୍ୟାରିୟର ବିକଳ୍ପ ହୋଇପାରିଛି । ଲୋକେ ନିଜ ଘରର ବାଲକୋନି, ଛାତ, ଛୋଟ ବଗିଚାକୁ ସୁନ୍ଦର କରିବା ଲାଗି ବିଶେଷଜ୍ଞଙ୍କ ପରାମର୍ଶ ନେଉଛନ୍ତି । ସେହିପରି ଅର୍ଗାନିକ୍ ଫାର୍ମିଂ, ପ୍ଲାଣ୍ଟ ନର୍ସରୀ, ଲ୍ୟାଣ୍ଡସ୍କେପ୍ ଡିଜାଇନିଂ, ଗାର୍ଡେନିଂ କଣ୍ଟେଣ୍ଟ କ୍ରିଏସନ ଭଳି କ୍ଷେତ୍ରରେ ଲୋକଙ୍କ ପାଇଁ ରୋଜଗାରର ନୂଆ ପଥ ଉନ୍ମୁକ୍ତ ହେଉଛି ।**





**ବଢୁଛି ଗାର୍ଡେନିଂର ଲୋକପ୍ରିୟତା:** ଏବେ ଲୋକେ ଘରେ ଇଣ୍ଡୋର ପ୍ଲାଣ୍ଟ, ଟେରିସ୍ ଗାର୍ଡେନ, କିଚେନ ଗାର୍ଡେନ କରୁଛନ୍ତି । ଏହି କାରଣ ଯୋଗୁଁ ଗାର୍ଡେନିଂ ଏକ୍ସପର୍ଟ, ପ୍ଲାଣ୍ଟ କନ୍‌ସଲଟାଣ୍ଟ, ଲ୍ୟାଣ୍ଡସ୍କେପ୍ ଡିଜାଇନରଙ୍କ ଚାହିଦା ବେଶି ବଢୁଛି । ଗାର୍ଡେନିଂର ସବୁଠୁ ବଡ଼ ଲାଭ ହେଉଛି ଏହାକୁ କମ୍ ନିବେଶରେ ଆରମ୍ଭ କରାଯାଇପାରିବ । ସେହିପରି ସହରରେ ଟେରିସ୍ ଗାର୍ଡେନିଂର ଟ୍ରେଣ୍ଡ ଦ୍ରୁତ ଗତିରେ ବଢୁଛି । ଲୋକେ ନିଜ ଘରେ ପନିପରିବା ଫଳ ଆଦି ଚାଷ କରୁଛନ୍ତି । ହେଲେ ଠିକ୍ ତଥ୍ୟ ଜଣା ନ ଥିବାରୁ ଆଜିକାଲି ଲୋକେ ବିଶେଷଜ୍ଞଙ୍କ ପରାମର୍ଶ ନେଉଛନ୍ତି । ଏହିପରି ଭାବେ ହୋମ୍ ଗାର୍ଡେନ ସେଟ୍‌ଅପ୍, କିଚେନ ଗାର୍ଡେନ୍ ପ୍ଲାନିଂ, ଅର୍ଗାନିକ ଗାର୍ଡେନିଂ ଟିପ୍ସ, ପ୍ଲାଣ୍ଟ କେୟାର ସର୍ଭିସ୍ ପ୍ରଦାନ କରି ଭଲ ଆୟ କରିପାରିବେ ।

**ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ କୋର୍ସ:** ବିଭିନ୍ନ ହୋଟେଲ, କାଫେ, ଅଫିସ୍ ଗ୍ରୀନ ସ୍ପେସ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏଭଳି ସ୍ଥଳେ ଲ୍ୟାଣ୍ଡସ୍କେପ୍ ଡିଜାଇନରଙ୍କ ଚାହିଦା ଦ୍ରୁତ ଗତିରେ ବଢୁଛି । ଏହି କ୍ଷେତ୍ରରେ ଗାର୍ଡେନ ଡିଜାଇନ, ୱାଟର ଫିଚର ସେଟ୍‌ଅପ୍, ଡେକୋରେଟିଭ ପ୍ଲାଣ୍ଟେସନ କାମ କରିପାରିବେ । ଏ ଲାଗି ଅନେକ ଅନଲାଇନ ଏବଂ ଅଫଲାଇନ୍ କୋର୍ସ ବି ରହିଛି । ସେହିପରି ଲୋକଙ୍କୁ ଗାର୍ଡେନିଂ ଟିପ୍ସ ଦେବାକୁ ପସନ୍ଦ ଥିଲେ ସୋସିଆଲ ମିଡିଆ ହେଉଛି ବଡ଼ ପ୍ଲାଟଫର୍ମ । କଣ୍ଟେଣ୍ଟ ଆଇଡିଆ, ପ୍ଲାଣ୍ଟ କେୟାର୍ ଟିପ୍ସ, ବାଲକନି ଗାର୍ଡେନ ଆଇଡିଆ, ସିଜନାଲ ପ୍ଲାଣ୍ଟ ଗାଇଡ, ଅର୍ଗାନିକ୍ କମ୍ପୋଷ୍ଟ ତିଆରି କରିବାର ଉପାୟ, ଗାର୍ଡେନିଂ ହ୍ୟାକ୍ ଭଳି ଗାର୍ଡେନିଂ କଣ୍ଟେଣ୍ଟର ୟୁଟ୍ୟୁବ୍, ଇନଷ୍ଟାଗ୍ରାମ, ଫେସବୁକ୍‌ରେ ଭଲ ଚାହିଦା ଅଛି ।

**ଅନ୍‌ଲାଇନ୍ ଗାର୍ଡେନିଂରୁ ଆୟ:** ଫଲୋର୍ସ ବଢ଼ାଇବା ପରେ ବ୍ରାଣ୍ଡ ପ୍ରମୋସନ, ସ୍ପନସରସିପ୍ ମାଧ୍ୟମରେ ଭଲ ଆୟ କରିପାରିବେ । ଅନ୍ୟପଟେ ଅନଲାଇନରୁ ଲୋକେ ଗଛ ଆଦି କିଣିବାକୁ ପସନ୍ଦ କରୁଛନ୍ତି । ଇନଷ୍ଟାଗ୍ରାମ୍ ଷ୍ଟୋର, ହ୍ୱାଟ୍ସଆପ୍ ବିଜନେସ୍, ଇ-କମର୍ସ ପ୍ଲାଟ୍‌ଫର୍ମ ଏବଂ ନିଜ ୱେବସାଇଟ୍ ମାଧ୍ୟମରେ ଗଛ ଏବଂ ଗାର୍ଡେନିଂ ଜିନିଷ ବିକ୍ରି କରିପାରିବେ । ଏହାବାଦ୍ ହର୍ଟିକଲଚର, ଲ୍ୟାଣ୍ଡସ୍କେପ୍ ଡିଜାଇନିଂ, ଅର୍ଗାନିକ୍ ଫାର୍ମିଂ, ଫ୍ଲୋରି କଲଚର, ନର୍ସରି ମ୍ୟାନେଜମେଣ୍ଟ ଭଳି କୋର୍ସ ପରେ ଚାକିରି ଏବଂ ବ୍ୟବସାୟର ସୁଯୋଗ ରହିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଛୋଟ ନର୍ସରୀ ଏବଂ ଗାର୍ଡେନିଂ ସର୍ଭିସ ଦ୍ୱାରା ମାସକୁ ୧୫-୩୦ ହଜାର ରୋଜଗାର କରିପାରିବେ । ସେହିପରି ଲ୍ୟାଣ୍ଡସ୍କେପ୍ ଡିଜାଇନର ଏବଂ ଗାର୍ଡନିଂ ଇନଫ୍ଲୁଏନସର ଲକ୍ଷାଧିକ ଆୟ କରିଥାନ୍ତି ।

## ଅଫିସ୍ ଲାପ୍‌ଟପ୍ ବ୍ୟବହାର କରୁଥିଲେ...

**ଅଫିସ୍ ପକ୍ଷରୁ ଲାପଟପ୍ କାମ କରିବା ପାଇଁ ଦିଆଯାଇ ଥାଏ । ତେଣୁ ଏହାର ବ୍ୟବହାର ବୁଝି ବିଚାରି କରିବା ଉଚିତ । ଅନେକ କର୍ମଚାରୀ ସୁବିଧା ଦୃଷ୍ଟିରୁ ବ୍ୟକ୍ତିଗତ କାମ ଅଫିସ୍ ଲାପ୍‌ଟପ୍‌ରେ କରିଥାନ୍ତି । ତେବେ ସୁରକ୍ଷା ଏବଂ ଗୋପନୀୟତା ଦୃଷ୍ଟିରୁ ଏହା ଆଦୌ ଠିକ୍ ନୁହେଁ ।**

- ଅଫିସ୍ ଲାପ୍‌ଟପ୍‌ରେ ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ କାର୍ଯ୍ୟକଳାପକୁ ସୀମିତ ରଖନ୍ତୁ । କମ୍ପାନି ନେଟ୍‌ୱର୍କରେ ଅନ୍‌ଲାଇନ୍ ଗତିବିଧି ମନିଟର କରାଯାଇପାରିବ ।
- ଅନ୍‌ଲାଇନ୍ ବ୍ୟାଙ୍କିଂ, ନିବେଶ ତଥା ସମ୍ବେଦନଶୀଳ ଅର୍ଥ ନେଣଦେଣ ଅଫିସ୍ ଲାପଟପ୍‌ରେ କରିବାରୁ ବଞ୍ଚିତ ରହିବା ଉଚିତ ।
- ବ୍ୟକ୍ତିଗତ ଇ-ମେଲ୍ ଆକାଉଣ୍ଟର ଅଧିକ ଉପଯୋଗ ବି ସମସ୍ୟା ସୃଷ୍ଟି କରିପାରେ ।
- ବ୍ୟକ୍ତିଗତ ଦସ୍ତାବିଜ୍, ଫଟୋ, ଭିଡିଓ ଅଫିସ୍ ଲାପଟପ୍‌ରେ ସେଭ୍ କରିବା ଭଲ ନୁହେଁ ।
- ଅନଲାଇନ୍ ସପିଂ, ମନୋରଞ୍ଜନ ସମ୍ବନ୍ଧିତ ୱେବ୍‌ସାଇଟର ଉପଯୋଗ ସୀମିତ କରିବା ଉଚିତ । ଏହା ଉତ୍ପାଦନ କ୍ଷମତାକୁ ପ୍ରଭାବିତ କରିପାରେ । କିଛି କମ୍ପାନିର ନୀତି ବି ଉଲ୍ଲଙ୍ଘନ ହୋଇପାରେ ।
- ସେହିପରି ଚାକିରି ଛାଡ଼ିବା ସମୟରେ ଲାପଟପ୍ ଫେରାଇବା ବେଳେ ଏଥିରେ ଥିବା ବ୍ୟକ୍ତିଗତ ତଥ୍ୟ ଅନ୍ୟ ସାମ୍ନାକୁ ଆସିପାରେ । ତେଣୁ ବ୍ୟକ୍ତିଗତ ଓ ବୃତ୍ତିଗତ କାର୍ଯ୍ୟକୁ ଅଲଗା ରଖିବା ଉଚିତ । ଏଣୁ ଅଫିସ୍ ଲାପ୍‌ଟପ୍‌କୁ କେବଳ କାର୍ଯ୍ୟ ସମ୍ବନ୍ଧିତ ଉଦ୍ଦେଶ୍ୟକୁ ଉପଯୋଗ କରିବା ସୁରକ୍ଷା ଦୃଷ୍ଟିରୁ ଜରୁରି ।



## ଗୁଗଲ୍‌ର ନୂଆ ଟୁଲ୍

ଗୁଗଲ ଭାରତରେ ତା'ର ସବୁଠୁ ଆଡଭାନ୍ସ ତଥା ଏଆଇ ଟୁଲ୍ ଜେମିନି ଓମିନିକୁ ଲଞ୍ଚ୍ କରିଛି । ଏହା ହେଉଛି ଗୁଗଲ୍‌ର ଏକ ଏଡିଟିଂ ଟୁଲ୍ । ଏହାର ବିଶେଷତ୍ୱ ହେଉଛି ଭିଡିଓ କ୍ଲିପ୍‌କୁ ଟ୍ରିମ୍ କରିବା, ଇଫେକ୍ଟ ବ୍ୟବହାର କରିବା ଲାଗି କୌଣସି ଭିଡିଓ ଏଡିଟିଂ ଆପ୍ ତଥା ସଫ୍ଟୱେୟାର୍‌ର ଆବଶ୍ୟକତା ନାହିଁ । ଏବେ ଏହି ଟୁଲ୍ ମାଧ୍ୟମରେ ଟେକ୍ସଟ୍ ମେସେଜ ବା ପ୍ରମପ୍ଟ ପ୍ରଦାନ କରି ଭିଡିଓ ଏଡିଟିଂ କରାଯାଇପାରିବ ।

କମ୍ପାନି ଅନୁସାରେ, ଏହି ଟୁଲ୍ ମଡେଲ ଇମେଜ୍, ଅଡିଓ, ଭିଡିଓ ଏବଂ ଟେକ୍ସଟ୍‌କୁ ଏକୀକୃତ କରି ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରେ । ତା'ସହ ସୁନ୍ଦର ଭିଡିଓ ଆଉଟପୁଟ୍ ଜେନ୍‌ରେଟ୍ କରେ । ଏହି ଟୁଲ୍‌କୁ ବ୍ୟବହାର କରିବା ବି ଖୁବ୍ ସହଜ । ଏବେ ଏହା ମାଧ୍ୟମରେ ବ୍ୟବହାରକାରୀ କେବଳ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଭିଡିଓ ଏଡିଟ୍ କରିପାରିବେ । ଆଗାମି ଦିନରେ ଏହାର ସମୟସୀମାକୁ ବୃଦ୍ଧି କରାଯିବ । ଏବେ ଏହି ଫିଚର୍ ପେଡ୍ ଗୁଗଲ ଏଆଇ ସବ୍‌ସ୍କ୍ରାଇବର ଭଳି ଗୁଗଲ ଏଆଇ ପ୍ଲସ୍, ପ୍ରୋ ବା ଅଲଟ୍ରା ପ୍ଲାନ୍ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ଅଛି ।



## ୭୧୩୫ ହିତାଧିକାରୀଙ୍କୁ ମିଳୁନି ଭତ୍ତା; ସରପଞ୍ଚଙ୍କ ଧାରଣା

ଦିଗପହଣ୍ଡି,୨।୬(ସମିସ): ଦିଗପହଣ୍ଡି ବ୍ଲକ ଅଧିନସ୍ଥ ୨୫ ଟି ପଞ୍ଚାୟତ ଅଧିନ ଗାଁ ମାନଙ୍କରେ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଯୋଜନାରେ ପଞ୍ଜୀକୃତ ଦିବ୍ୟାଙ୍ଗ,ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ମାନଙ୍କୁ ଗତ ୩ ମାସ ହେଲା ଭତ୍ତା ଟଙ୍କା ମିଳୁନି।ଫଳରେ ସେମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବାଦରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ସରପଞ୍ଚ ସଂଘ ଗଞ୍ଜାମ ଜିଲା ସଭାପତି ତଥା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ଗୌଡ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଦିଗପହଣ୍ଡି ବ୍ଲକରେ ୭ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ଟଙ୍କା ପାଇଁ ନିଜ ନିଜ ପଞ୍ଚାୟତ କିମ୍ବା ଦୂରଦୂରାନ୍ତର ଗ୍ରାମର ବ୍ୟାଙ୍କ ଶାଖା ଗୁଡ଼ିକୁ



ଆସିଥାନ୍ତି । ଗତ ୩ ମାସ ହେଲା ସେମାନଙ୍କ ପ୍ରାପ୍ୟ ଅର୍ଥରାଶି ବ୍ୟାଙ୍କ ଖାତାରେ ଜମା ହେଉନଥିବାରୁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହିତାଧିକାରୀ ମାନେ ଅଟୋ କିମ୍ବା ଯାତ୍ରୀବାହୀ ବସ ଯୋଗେ ବ୍ଲକ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ପରେ ବ୍ୟାଙ୍କକୁ ଦୌଡି ଦୌଡି ନିରାଶ ହୋଇ ସାରିଲେଣି। ଏନେଇ ବ୍ଲକ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ହିତାଧିକାରୀ ମାନଙ୍କୁ ସଠିକ ତଥ୍ୟ ଜାଣିଶୁଣି ଦେଉନଥିବା ଅଭିଯୋଗ ହୋଇଛି । କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ୪୭୬ ଜଣ ହିତାଧିକାରୀ ଭତ୍ତା ନ ପାଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଏଭଳି ଅଭିଯୋଗ କରିବା ପରେ ସେ ବାଧ୍ୟ ହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା କହିଛନ୍ତି । ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସେ ଧାରଣା ଅବ୍ୟାହତ ରଖିବେ ବୋଲି ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି। ଏନେଇ ସେ ଦିଗପହଣ୍ଡି ବ୍ଲକ ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ଭତ୍ତାରୁ ବଞ୍ଚିତ ହିତାଧିକାରୀ ମାନଙ୍କୁ ଏହି ଆନ୍ଦୋଳନର ସାମିଲ ହୋଇ ତାଙ୍କ ସହ ଧାରଣା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।ଏନେଇ ଅତିରିକ୍ତ ବିଡ଼ିଓ ଉମେଶ ସେଠୀଙ୍କୁ ପଚାରିବାରୁ ଏହା ସମଗ୍ର ରାଜ୍ୟର ସମସ୍ୟା। ବୈଷୟିକ ତ୍ରୁଟି ଯୋଗୁଁ କେନ୍ଦ୍ରୀୟ ପାଣ୍ଠି ଉଠାଣରେ ଅସୁବିଧା ସୃଷ୍ଟି ହୋଇଛି। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମି ପ୍ରକାଶନୀ ଜାନିଙ୍କୁ ପଚାରିବାରୁ ବ୍ଲକ ଅଧିନ ବିଭିନ୍ନ ଗ୍ରାମର ସମୁଦାୟ ୭୧୩୫ ହିତାଧିକାରୀଙ୍କୁ ସିଧା ସଳଖ ଅନଲାଇନ୍ ଜରିଆରେ ପେମେଣ୍ଟ କରାଯାଉଛି। ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରତି ମାସରେ ଭତ୍ତା ଟଙ୍କା ପୈଠ କରାଯାଉଛି। ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଚାଲୁ ରହିଥିବା କହିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

କୋଟପାଡ଼, ୨।୬(ସମିସ): କୋଟପାଡ଼ ବ୍ଲକ ସଭାଗୃହ ଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ମିଳିତ ଭାବେ ଜନଶୁଣାଣି କରିଥିଲେ। ଆଜିର ଶିବିରରେ ୫ମୋଟ ୫୮ ଗୋଟି ଅଭିଯୋଗ୫ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୫୪୦ ଟି ସାମୁହିକ ଅଭିଯୋଗ୫ ଓ ୫୧୮ ଟି ବ୍ୟକ୍ତିଗତ ଅଭିଯୋଗ୫ ରହିଥିଲା। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୫୭ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବେଣୁଧର ଶବର, ଆଇ.ଏ.ଏସ. ପ୍ରୋବେସନର ଅନୁପ ନାୟକ, ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କୋଟପାଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀ ସନ୍ଧ୍ୟା ସାମର୍ଥ, ସମେତ ବ୍ଲକ ସ୍ତରୀୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବ୍ରହ୍ମପୁରର ୨ ଚର୍ଚ୍ଚିତ ଘଟଣା**

# ମୁଖ୍ୟ ଅଭିଯୁକ୍ତ ମୋଗ୍‌ଲି ଓ ବଳିଆଙ୍କ ଟେର୍ ପାଉନି ପୁଲିସ

- ଗିରିରୋଡ 'ଉମେଶ' ଆକ୍ରମଣ ମାମଲାର ଅନ୍ୟତମ ଅଭିଯୁକ୍ତ 'ମୋଗଲି'
- ଅମ୍ବିକା ନଗର 'ମଙ୍ଗଳା' ଆକ୍ରମଣ ଘଟଣାର ଅନ୍ୟତମ ଅଭିଯୁକ୍ତ 'ବଳିଆ'
- ଫେରାର ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଛି ନା ରାଜନୈତିକ ଚାପରେ ଛାଡିଛି?

ବ୍ରହ୍ମପୁର,୨।୬(ସମିସ)

ସହରରେ ନିୟନ୍ତ୍ରଣ ବାହାରକୁ ଯାଇଥିବା ଅପରାଧକୁ ରୋକିବାକୁ ପୁଲିସ ଉଦ୍ୟମ କରୁଛି ନା ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅପରାଧିଙ୍କୁ ସହଯୋଗ କରୁଛି ତାକୁ ନେଇ ଉଠିଛି ପ୍ରଶ୍ନ। କାରଣ ପୁଲିସର ଏନକାଉଣ୍ଟର ସତ୍ତ୍ୱେ ଅପରାଧ କମିନାହିଁ କିମ୍ବା ମୁଖ୍ୟ ଅପରାଧି ଗିରଫ ହୋଇନାହାନ୍ତି। ଗତ କିଛିଦିନ ମଧ୍ୟରେ ସହରରେ ଘଟିଥିବା ଏକାଧିକ ଘଟଣା କେବଳ ସହରରେ କିମ୍ବା ଜିଲ୍ଲାରେ ନୁହେଁ ବରଂ ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗିରିରୋଡର ବିଚ ରାସ୍ତାରେ ମହିଳାଙ୍କ ସମ୍ମୁଖରେ ତଥା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଉମେଶ ରଥ ନାମକ ଜନୈକ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ହେଉ ଅଥବା ଅମ୍ବିକାନଗରରେ ମଙ୍ଗଳା ବେହେରାଙ୍କ ଉପରେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ଘଟଣା ହେଉ। ଉଭୟ ଘଟଣାରେ ଅନ୍ୟମାନଙ୍କ ସହିତ ଦୁଇ ଭାଇଙ୍କ ସମ୍ପୃକ୍ତି ଚର୍ଚ୍ଚାର ବିଷୟ ହୋଇଥିଲା। ୧୮ ତାରିଖରେ ଉମେଶ ରଥଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ଅଭିଯୁକ୍ତ ମୁକେଶକୁ ପୁଲିସ ୨୧ତାରିଖରେ ଏନକାଉଣ୍ଟର କରି କାବୁ କରିଥିବା ଦାବି କରିଥିଲା। ପରେ ଏନକାଉଣ୍ଟରରୁ ବର୍ତ୍ତିବାକୁ ଯାଇ ମୁକେଶର ଭାଇ ତଥା ଅନ୍ୟତମ ଅଭିଯୁକ୍ତ ଆଶିଷ ସାହୁ ଯୁବ ଆଇନଜୀବୀଙ୍କ ସହାୟତାରେ ଥାନାରେ ଆତ୍ମସମର୍ପଣ କରିଥିଲା। ଫଳରେ ଆଶିଷ ପୁଲିସର ସମ୍ଭାବ୍ୟ ଏନକାଉଣ୍ଟରରୁ ବର୍ତ୍ତି ଯାଇଥିବା କୁହାଯାଉଛି। ତେବେ ଉମେଶଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ତାଙ୍କ ମାଆ ଅମୂଲ୍ୟ ରଥଙ୍କ ଅଭିଯୋଗ ପ୍ରକାରେ ପ୍ରଥମ ଅଭିଯୁକ୍ତ ଭାବେ ମୋଗଲି ଓରଫ୍ ସନ୍ଦୀପ ସାହୁଙ୍କ ସମେତ ରାଜ ମାନତ୍ରା, ଦିନେଶ ପଣ୍ଡା, ଆଶିଷ ସାହୁ, ମୁକେଶ ସାହୁ ଓ ଅନ୍ୟକିଛି ଜଣଙ୍କ ବିରୁଦ୍ଧରେ ଟାଉନ ଥାନାରେ ଲିଖିତ ଏତଲା ରୁଜୁ ହୋଇଥିବା ଜଣାପଡିଛି। ଘଟଣାରେ ଯଦିଓ ପୁଲିସ ପ୍ରାୟ ସମସ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ହେଲେ ମୁଖ୍ୟ ଷଡଯନ୍ତ୍ରକାରୀ କୁହାଯାଉଥିବା ସନ୍ଦୀପ ସାହୁ ଓରଫ୍ 'ମୋଗଲୀ'କୁ ଗିରଫ କରିବାରେ ଅଦ୍ୟାବଧି ସକ୍ଷମ ହୋଇନଥିବା ଜଣାପଡିଛି। ତେବେ ପୁଲିସ ଯେତେବେଳେ ସମସ୍ତଙ୍କୁ ଗିରଫ କରିପାରିଛି ଏବଂ ଏନକାଉଣ୍ଟର ଭୟରେ ଆଶିଷ ଆତ୍ମସମର୍ପଣ କରିପାରୁଛି ତେବେ ମୋଗଲୀକୁ ଧରିବାକୁ ସମସ୍ୟା କୋଉଠି ବୋଲି ପ୍ରଶ୍ନ କରିଛନ୍ତି ଆକ୍ରମଣରେ ଆହତ ଉମେଶଙ୍କ ପରିବାର ବର୍ଗ। ମୋଗଲୀଙ୍କୁ ଫେରାର ଦର୍ଶାଇ ପୁଲିସ ତାଙ୍କୁ ରାଜନୈତିକ ଚାପରେ ପରୋକ୍ଷରେ ସହଯୋଗ କରୁଥିବା ପାଲଟା ଅଭିଯୋଗ କରିଛନ୍ତି। ସେପଟେ ଘଟଣା ପରଠାରୁ ଫେରାର ମୋଗଲୀ ଆଗୁଆ ଜାମୀନ ପାଇଁ ହାଇକୋର୍ଟର





ଦ୍ୱାରସ୍ଥ ହୋଇଥିବା ନେଇ ସହରରେ ଚର୍ଚ୍ଚା ହେଉଛି। ଅନୁରୂପ ଭାବେ ସହରର ଅନ୍ୟତମ ଚର୍ଚ୍ଚିତ ଘଟଣା ତଥା ଗତ ୨୫ତାରିଖରେ ବଡବଜାର ଥାନା ଅନ୍ତର୍ଗତ ଅମ୍ବିକା ନଗରରେ ମଙ୍ଗଳା ବେହେରାଙ୍କ ଉପରେ ହୋଇଥିବା ହତ୍ୟା ଉଦ୍ୟମ ଘଟଣାରେ ଦୁଇ ଭାଇ ଜଗା ଓ ବଳିଆଙ୍କ ସମ୍ପୃକ୍ତି ଥିବା ପୁଲିସ କହିଛି। ଘଟଣାର ମାତ୍ର ୫ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଜଗାକୁ ବାଉରୀ ସୁକୁଣ୍ଡାରୁ ଏନକାଉଣ୍ଟର କରି କାବୁ କରିଥିବା ପୁଲିସ କହିଛି। ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଜଗାର ବଡଭାଇ ବଳରାମ ସାହୁ ଓରଫ୍ ବଳିଆ ଆଜି ପର୍ଯ୍ୟନ୍ତ ଫେରାର ଥିବା ପୁଲିସ ସୂତ୍ରରୁ ଜଣାପଡିଛି। ଘଟଣାକୁ ଦିର୍ଘ ୧୦ଦିନ ବିତି ସାରିଥିଲେ ହେଁ ଫେରାର ବଳିଆ ସମ୍ପର୍କରେ ପୁଲିସ କୌଣସି ସୁରାକ ମଧ୍ୟ ପାଇପାରି ନାହିଁ। ସହରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚା ହେବା ପରେ ଏନକାଉଣ୍ଟର ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୁଲିସ। ଇତି ମଧ୍ୟରେ ୫ଟି ଏନକାଉଣ୍ଟର ହୋଇସାରିଥିଲେ ହେଁ ଆଇନଶୃଙ୍ଖଳା ପରିସ୍ଥିତିରେ କୌଣସି ସୁଧାର ଆସିନଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ସହଯୋଗୀଙ୍କୁ ପୁଲିସ ଧରି ଏନକାଉଣ୍ଟର କରୁଥିବା ବେଳେ ମୁଖ୍ୟଙ୍କୁ ରାଜନୈତିକ ଚାପରେ ସୁରକ୍ଷା ଦେଉଥିବା ନେଇ ଆଲୋଚନା ହେଉଛି। ସହରର ଉଭୟ ଚର୍ଚ୍ଚିତ ଘଟଣାକୁ ଦିର୍ଘ ଦିନ ବିତି ଯାଇଥିଲେ ହେଁ ମୁଖ୍ୟ ଅଭିଯୁକ୍ତ 'ମୋଗଲୀ' ଓ 'ବଳିଆ'ଙ୍କୁ ଗିରଫ କରିବାକୁ ପୁଲିସର ଟିମ ଗଠନ ହୋଇଛି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ଇତି ମଧ୍ୟରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଘଟିଯାଇଛି ୩ଟି ହତ୍ୟାକାଣ୍ଡ ସହିତ ଅନେକ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଅପରାଧ। ଏଭଳି ପରିସ୍ଥିତିରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଅପରାଧି ଗୋଷ୍ଠୀ ତିଳେମାତ୍ର ଭୟ କରୁନଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସହରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ହେଲେ ଅପରାଧିଙ୍କ ପ୍ରତି କୋହଳ ମନୋଭାବ ପୋଷଣ ନକରି ବରଂ କଠୋର ହେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



## କବିସୂର୍ଯ୍ୟନଗର ଥାନାରେ ପୁଲିସର ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟଣା

ଥାନାରେ ଏଚ୍‌ଆରପିସିର ୪ଜଣିଆ ଟିମ୍‌ର ତଦନ୍ତ ଆରମ୍ଭ

ମୃତକଙ୍କ ପରିବାରକୁ ଭେଟିଲେ ବିଜେଡିର ତୁଙ୍ଗ ନେତା



## ବିପଦ ସାଜୁଛି ବିଦ୍ୟୁତ୍ ତାର

କୁକୁଡାଖଣ୍ଡି,୨।୬(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ବିତରଣ ବ୍ୟବସ୍ଥାର ଅବ୍ୟବସ୍ଥାକୁ ନେଇ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଟିପିଏସଓଡିଏଲ୍ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ବ୍ଲକର ଅନେକ ସ୍ଥାନରେ ବିଦ୍ୟୁତ ତାର ଗଛର ଡାଳପତ୍ର ମଧ୍ୟ ଦେଇ ଯାଇଥିବାବେଳେ କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟଗୁଡ଼ିକ ଲଟା ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଆଚ୍ଛାଦିତ ହୋଇଯାଇଛି। ତାରଗୁଡ଼ିକ ମଧ୍ୟ ଗଛପତ୍ର ଓ ଲଟା ଭିତରେ ଲୁଚି ରହିଛି। ଏପରି ପରିସ୍ଥିତିରେ ବର୍ଷା ଓ ପବନ ସମୟରେ ସାଧାରଣଙ୍କ ପାଇଁ ବିପଦ ବଢୁଛି।ବିଶେଷ କରି ଏକ କଲେଜ ସମ୍ମୁଖରେ ଥିବା ବିରାଟକାୟ ଗଛ ମଧ୍ୟ ଦେଇ ବିଦ୍ୟୁତ ତାର ଯାଇଥିବା ଲୋକଙ୍କ ଚିନ୍ତା ବଢ଼ାଇଛି। ପ୍ରତିଦିନ ଏହି ରାସ୍ତା ଦେଇ



ଶତାଧିକ ଛାତ୍ରଛାତ୍ରୀ ଯାତାୟାତ କରୁଥିବା ବେଳେ ବର୍ଷା ସମୟରେ ସେମାନଙ୍କ ମନରେ ଭୟ ଲାଗି ରହୁଛି। ଗଛ ଡାଳ ତାର ଉପରେ ପଡ଼ିବା କିମ୍ବା ଅନ୍ୟ କୌଣସି ତ୍ରୁଟି ଯୋଗୁ ବଡ଼ ଧରଣର ଅଘଟଣ ଘଟିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମସ୍ୟାଗୁଡ଼ିକ ସମ୍ପର୍କରେ ଅନେକ ଥର ଟିପିଏସଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଆବଶ୍ୟକୀୟ ମରାମତି କିମ୍ବା ଗଛ ଓ ଲତା ସଫେଇ କାର୍ଯ୍ୟ କରାଯାଉନାହିଁ। ଫଳରେ ଦିନକୁ ଦିନ ବିପଦ ବଢ଼ିବା ସହ ଜନଅସନ୍ତୋଷ ମଧ୍ୟ ବୃଦ୍ଧି ପାଉଛି। କୌଣସି ଅଘଟଣ ଘଟିବା ପୂର୍ବରୁ ବ୍ଲକର ସମସ୍ତ ବିପଦସଙ୍କୁଳ ସ୍ଥାନ ଚିହ୍ନଟ କରି ଗଛ ଡାଳ କାଟିବା, ଲତା ସଫେଇ କରିବା ଏବଂ ବିଦ୍ୟୁତ ତାରର ଆବଶ୍ୟକୀୟ ମରାମତି କାର୍ଯ୍ୟ ତୁରନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ତ୍ତମାନ ସମସ୍ତଙ୍କ ନଜର ବିଦ୍ୟୁତ୍ ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି।

## ଚୋରି ଘଟଣାରେ ଜଣେ ଗିରଫ

ଉମରକୋଟ,୨।୬ (ସମିସ): ଉମରକୋଟ ମସ୍‌ଜିଦ ନିକଟରେ ଥିବା ବିବେକ ଫ୍ୟାନ୍ସି ଦୋକାନରୁ ଗତ ୩୦ ତାରିଖ ରାତିରେ ଚୋରି ହୋଇଥିଲା । ଏନେଇ ଦୋକାନ ମାଲିକ ଟିକିରା ସାହିର ବିବେକାନନ୍ଦ ଦାସ ଉମରକୋଟ ଥାନାରେ ଏତଲା ଦେଇଥିଲେ। ଦୋକାନ ଖୋଲିବା ସମୟରେ ତାଙ୍କର ଦୋକାନର କବାଟ ଭାଙ୍ଗି ୩୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଉମରକୋଟ ଆଇଆଇସି ବିପିନ କୁମାର ବାଗ ପୁଲିସ ଟିମ୍ ସହ ପହଞ୍ଚି ସମସ୍ତ ସିସି କ୍ୟାମେରା ଯାଞ୍ଚ କରିଥିଲେ। ଏହାପରେ ଶେଖ୍ ରହିମ (୧୯)କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ଏଥିସହ ଅଭିଯୁକ୍ତ ଠାରୁ ୧ ହଜାର ଟଙ୍କା ଓ ଲୁହା ଶାବଳ ଜବତ କରିଛି ପୁଲିସ। ଶେଖ୍ ନାଁରେ ପୂର୍ବରୁ ଉମରକୋଟ ଥାନାରେ ଅନେକ ଚୋରି ମାମଲା ରହିଥିବା ଆଇଆଇସି ଶ୍ରୀ ବାଗ ସୂଚନା ଦେଇଛନ୍ତି । ଏହି ଘଟଣାର ତଦନ୍ତ ଏସ୍‌ଆଇ ମନୀଷା ଲାକ୍ରା କରୁଥିଲେ।

## ରେଲଷ୍ଟେସନ ସାମ୍ନାରେ ଯୁବକଙ୍କୁ ଆକ୍ରମଣ କରି ଲୁଟ୍

ରାୟଗଡ଼,୨।୬(ସମିସ): ଗତ ବିଳମ୍ବିତ ରାତ୍ରିରେ ରାୟଗଡ ରେଲଷ୍ଟେସନ ସମ୍ମୁଖରେ ଥିବା ଆଇ ଲଭ ରାୟଗଡ ପାର୍କ ନିକଟରେ ଜଣେ ଯୁବକଙ୍କୁ ଆକ୍ରମଣ କରି ଅଜଣା ଦୁର୍ବୃତ୍ତ ମାନେ ତାଙ୍କ ମୋବାଇଲ ଏବଂ ମନି ପର୍ସ ଲୁଟିନେଇଥିବା ଜଣାପଡିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ଆମ୍ବଦଳା ଥାନା ଅନ୍ତର୍ଗତ ରଣଶପଦର ଗ୍ରାମର ସୁଧୀର ବାଗ । ସୁଧୀର ଗୁଣପୁର ଏକ ପରୀକ୍ଷା ଦେବାକୁ ଯାଇ ନିଜ ଗ୍ରାମକୁ ଫେରିବା ପାଇଁ ରାୟଗଡ ଷ୍ଟେସନ ନିକଟରେ ଅପେକ୍ଷା କରିଥିଲେ। ଏହି ସମୟରେ ୨ଜଣ ଅଜଣା ଦୁର୍ବୃତ୍ତ ଆସି ତାଙ୍କୁ ଦିଆସିଲି ମାଗି ହଠାତ୍ ଆକ୍ରମଣ କରି



ଲୁଟି ନେଇଥିଲେ। ଏନେଇ ସୁଧୀର ୧୧୨କୁ ଫୋନ କରିବା ପରେ ରାୟଗଡ ଥାନା ପୁଲିସ ଆସି ପହଁଚିଥିଲେ। ପୁଲିସ ସେଠାରୁ ତାଙ୍କୁ ନେଇ ରାୟଗଡ ଥାନାକୁ ଆଣିଲା ପରେ ସୁଧୀର ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଷ୍ଟେସନ ନିକଟରେ ଏଭଳି ଘଟଣା ଘଟିଥିଲା। ଜଣେ ଅଧ୍ୟାପକଙ୍କୁ ରଡରେ ମାରି ଆକ୍ରମଣ କରି ଲୁଟିଥିଲେ ଦୁର୍ବୃତ୍ତ । ରାୟଗଡ ଷ୍ଟେସନ ନିକଟରେ ଏଭଳି ଘଟଣା ବାରମ୍ବାର ହେଉଥିବାରୁ ବିଳମ୍ବିତ ରାତ୍ରୀରେ ଯାତ୍ରା କରୁଥିବା ଯାତ୍ରୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ପୁଲିସ ସୁରକ୍ଷା ବ୍ୟବସ୍ଥା ଓ ପାଟ୍ରୋଲିଂ ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଶ୍ରୀ ଗୋଣ୍ଡାନା ସ୍ୱାମୀ ଘଣ୍ଟଯାତ୍ରା ଉଦ୍‌ଯାପିତ

ବନ୍ଧୁଗାଁ,୨।୬(ସମିସ): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ତୁରୁକପେଟା ଗ୍ରାମର ଶ୍ରୀ ଗୋଣ୍ଡାନା ସ୍ୱାମୀ ଘଣ୍ଟ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟିର ଯୁବକ ମାନଙ୍କ ଦ୍ୱାରା ସୁନ୍ଦର ଲିଟୁ ଆଲୋକ ମାଳାରେ ସାଜସଜ୍ଜା ମଧ୍ୟରେ ଲୋକେ ଭକ୍ତିପୂର୍ଣ୍ଣ ଭାବେ ଶ୍ରୀ ଗୋଣ୍ଡାନା ସ୍ୱାମୀଙ୍କ ଦର୍ଶନ କରିଛନ୍ତି। ଗ୍ରାମରେ ଥିବା ମାନି ସାହି, ମେଇନ୍ ରୋଡ, କଣ୍ଡା ସାହି, ଖୋଡ଼ିଆ ସାହିର ପ୍ରତି ଘର ଘରକୁ ଶ୍ରୀ ଗୋଣ୍ଡାନା ସ୍ୱାମୀଙ୍କ ଘଣ୍ଟ ହାଣ୍ଡି ପହଞ୍ଚିବା ପରେ ଲୋକେ ଧୂପ ଦୀପ ଦେଇ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପ୍ରତି ଦିନ ଶ୍ରୀ ଗୋଣ୍ଡାନା ସ୍ୱାମୀଙ୍କ ଘଣ୍ଟ ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଦର୍ଶକ ଆସି ଦର୍ଶନ କରୁଥିଲେ। ସୋମବାର ଦିନ ବୁରା କାତା ହୋଇଥିବା ବେଳେ ମଙ୍ଗଳବାର ଦିନ ଦେଶିଆ ନାଟ ହୋଇ ଯାଇଛି। ପୂଜା କମିଟିର ଜି ଶ୍ରୀପତି, ବି ଅଶ୍ୱିନ, ବି ଏଙ୍କାଟି, ଜାନି କିରଣ, ଶିବା, ଗୁଣ୍ଡାନା ଓ ଯୋଗାନା ପ୍ରମୁଖ ଯୁବକ ଦାୟିତ୍ୱ ନେଇ ଶାନ୍ତି ଶୃଙ୍ଖଳାର ସହ ଘଣ୍ଟ ଯାତ୍ରା ପରିଚାଳନା କରିଥିଲେ। ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ଘଣ୍ଟ ଯାତ୍ରାରେ ଅତିଥି ବିଧାୟକ ପବିତ୍ର ସାଉନ୍ତା, ବିଜେଡି ଜିଲ୍ଲା ସଭାପତି ଝିନ୍ ହିକକା, କୌଶଲ୍ୟା



ହିକକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ବ୍ଲକ ଜନପ୍ରତିନିଧି ଓ ଅନ୍ୟମାନଙ୍କୁ ନିମନ୍ତ୍ରଣ କରି ଶ୍ରୀ ଗୋଣ୍ଡାନା ସ୍ୱାମୀଙ୍କ ଦର୍ଶନ କରାଇବା ସହ ଆତିଥ୍ୟ ସତ୍କାର କରିଥିଲେ। ଆଜି ଶ୍ରୀ ଗୋଣ୍ଡାନା ସ୍ୱାମୀଙ୍କ ଘଣ୍ଟ ଯାତ୍ରା ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି।

# ବଣ୍ଡା ମହିଳା କମଳା ମାଝୀଙ୍କ ସଂଘର୍ଷମୟ ଜୀବନ




ଖଇରପୁଟ, ୨।୬(ସମିସ): ମାଲକାନଗିରି ଜିଲ୍ଲାର ବଣ୍ଡାଘାଟିରୁ ଆସିଛି ଜଣେ ଅସହାୟ ମା'ଙ୍କ ସଂଘର୍ଷର ହୃଦୟସ୍ପର୍ଶୀ କାହାଣୀ। ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ଗ୍ରାମର ବାସିନ୍ଦା କମଳା ମାଝୀ, ଜଣେ ବଣ୍ଡା ମହିଳା ହୋଇ ମଧ୍ୟ ପ୍ରେମ ବିବାହ କରି ଅନ୍ୟ ଜାତିର ଜଣେ ଯୁବକଙ୍କୁ ଜୀବନ ସାଥୀ ଭାବେ ବାଛିଥିଲେ। ଆରମ୍ଭରେ ତାଙ୍କ ସଂସାର ସୁଖରେ ଚାଲିଥିଲା। କିନ୍ତୁ ଭାଗ୍ୟର ନିଷ୍ଠୁର ପରିହାସ ତାଙ୍କ ଜୀବନକୁ ଦୁଃଖ ଓ ସଂଘର୍ଷରେ ଭରିଦେଇଛି। କମଳାଙ୍କ ସ୍ୱାମୀ ମାନସିକ ରୋଗରେ ପୀଡ଼ିତ ହୋଇ ବର୍ତ୍ତମାନ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଫଳରେ ପରିବାରର ସମସ୍ତ ଦାୟିତ୍ୱ କମଳାଙ୍କ ଉପରେ ଆସିପଡ଼ିଛି। ଦୁଇ ଛୋଟ ପୁଅଙ୍କୁ ନେଇ ସେ ଦୀର୍ଘ ବର୍ଷ ଧରି କୁଲି ମଜୁରୀ କରି ଜୀବନ

### ଜିଲ୍ଲାପାଳ ବଢ଼ାଇଲେ ସହାୟତାର ହାତ

ନିର୍ବାହ କରୁଛନ୍ତି। ଦାରିଦ୍ର୍ୟ, ଅସହାୟତା ଓ ଭବିଷ୍ୟତକୁ ନେଇ ଚିନ୍ତା ମଧ୍ୟରେ ତାଙ୍କ ଜୀବନ ଅତିବାହିତ ହେଉଛି। ନିକଟରେ କମଳା ମାଝୀ ମାଲକାନଗିରି ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖଦ କାହାଣୀ ଓ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତାଙ୍କ ଜୀବନ ସଂଘର୍ଷର କଥା ଶୁଣି ଜିଲ୍ଲାପାଳ ଅରବିନ୍ଦ ରାଜଶିକରେ ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ସହିତ କମଳାଙ୍କୁ ସରକାରୀ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ତାଙ୍କ ଦୁଇ ପୁଅଙ୍କୁ ମାଲକାନଗିରି ସ୍ଥିତ ହଷ୍ଟେଲରେ ମାଗଣାରେ ରଖି ପାଠପଢ଼ାର ବ୍ୟବସ୍ଥା କରାଯିବ ବୋଲି ମଧ୍ୟ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଜୀବନର ଅନେକ ପ୍ରତିକୂଳତା ମଧ୍ୟରେ ସଂଘର୍ଷ କରୁଥିବା କମଳା ମାଝୀଙ୍କ ପାଇଁ ଜିଲ୍ଲା ପ୍ରଶାସନର ଏହି ସହଯୋଗ ଏକ ନୂଆ ଆଶାର କିରଣ ସୃଷ୍ଟି କରିଛି। ନିଜ ସନ୍ତାନମାନଙ୍କ ଭଲ ଭବିଷ୍ୟତର ସ୍ୱପ୍ନ ଦେଖୁଥିବା କମଳା ଆଶା କରୁଛନ୍ତି ଯେ, ତାଙ୍କ ଦୁଇ ପୁଅ ଶିକ୍ଷିତ ହୋଇ ଭବିଷ୍ୟତରେ ସମାଜରେ ଜଣେ ଭଲ ମଣିଷ ଭାବେ ପ୍ରତିଷ୍ଠିତ ହେବେ। କମଳା ମାଝୀଙ୍କ କାହାଣୀ କେବଳ ଜଣେ ମହିଳାଙ୍କ ସଂଘର୍ଷର କାହାଣୀ ନୁହେଁ, ବରଂ ମାତୃତ୍ୱ, ଆତ୍ମବିଶ୍ୱାସ ଓ ଅଦମ୍ୟ ଇଚ୍ଛାଶକ୍ତିର ଏକ ଜୀବନ୍ତ ଉଦାହରଣ।

## ଟାଙ୍କୁଆରେ ପିଲାଚୋରି ଉଦ୍ୟମ ଗୁଜବ: ପୁଲିସ

ଜୟପୁର,୨।୬(ସମିସ): ଜୟପୁର ସଦର ଥାନାର ଟାଙ୍କୁଆ ଗ୍ରାମରେ ଗତକାଲି ଦିନ ଦ୍ୱିପ୍ରହରରେ ଜଣେ ଶିଶୁକୁ ବସ୍ତାରେ ଭର୍ତ୍ତି କରି ଚୋରି କରାଯାଉଥିବା ନେଇ ପ୍ରଚାରିତ ଖବର ସମ୍ପୂର୍ଣ୍ଣ ଗୁଜବ ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ସଦର ଥାନାରେ କୌଣସି ମାମଲା ରୁଜୁ କରାଯାଇ ନଥିବା ଏବଂ ଏହା ଏକ ଗୁଜବ ବୋଲି ସଦର ଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଗତକାଲି ଟାଙ୍କୁଆ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ଶିଶୁକୁ ଚୋରି ଉଦ୍ୟମ କରାଯାଉଥିବା ନେଇ ଏକ ଲିଖିତ ଅଭିଯୋଗ ଧରି ସଦର ଥାନାକୁ ଆସିଥିଲେ। ପୁଲିସ ଅଭିଯୋଗକୁ ଗମ୍ଭୀରତାର ସହିତ ନେଇ ଅଭିଯୋଗକାରୀ ଶିଶୁର ବାପାଙ୍କୁ ପଚରାଉଚୁରା କରିବା ସହ ଘଟଣାସ୍ଥଳରେ ପହଞ୍ଚି ପୁଲିସ ତଦନ୍ତ କରିବାକୁ ଅଭିଯୋଗକାରୀକୁ ଆସିବାକୁ କହିବାରୁ ଅଭିଯୋଗକାରୀ ପିତା ସିଧାସଳଖ ମନା କରିଦେଇଥିଲେ। ଏପରିକି ପିଲା ସହ କଥା ହେଲେ ହିଁ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ପୁଲିସ କହିବା ସତ୍ତ୍ୱେ ସେ ଏଥିରେ ସହଯୋଗ କରିନଥିଲେ। ଶେଷରେ ଶିଶୁର ବାପା ପ୍ରକୃତ କଥା ସ୍ୱୀକାର କରି କହିଥିଲେ ଯେ, ଟାଙ୍କୁଆ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ଗାଡ଼ି ଆସୁ ନଥିବାରୁ ସେଠାରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ସେ ଏଭଳି ଏକ କାହାଣୀ ରଚିଥିଲେ। ଅପରପକ୍ଷେ, ପୁଲିସ ଏନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କ ପ୍ରତିକ୍ରିୟା ନେଇଥିବା ବେଳେ ଗ୍ରାମରେ ଏଭଳି କୌଣସି ପିଲାଚୋରି ଉଦ୍ୟମ ଘଟଣା ଘଟିନଥିବା ଗ୍ରାମବାସୀମାନେ ପ୍ରକାଶ କରିଥିଲେ ବୋଲି ସଦରଥାନା ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

